

Odia Daily

www.theutkalsamachar.com

# ଉତ୍କଳ ସମାଚାର

ବୈପ୍ଲବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR



✦Vol - 22✦ Issue No:75✦7 July 2026 (Tuesday) ✦ Rourkela ✦ Rs.2.00 ✦ Page -1 ✦୨୨ ବର୍ଷ ✦ସଂଖ୍ୟା:୭୫✦୭ ଜୁଲାଇ ୨୦୨୬ (ମଙ୍ଗଳବାର)✦ ରାଉରକେଲା ✦ମୂଲ୍ୟ:ଟ.୨.୦୦✦ ପୃଷ୍ଠା-୬


## ଆର୍ଯ୍ୟପଲ୍ଲୀ କୂଳରେ ଅଟକିଛି ୩୪ ରୁ ଊର୍ଦ୍ଧ୍ୱ ଆନ୍ଧ୍ର ଟ୍ରଲର



ଛତ୍ରପୁର,୬/୭(ନି/ପ୍ର): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଅବପାତ ରୂପ ନେଇଛି। ଏହା ଯୋଗୁଁ ସମୁଦ୍ର ଅଶାନ୍ତ ରହିଛି। ଏହାର ପ୍ରଭାବରେ ସମୁଦ୍ର ମଧରେ ପ୍ରବଳ ବେଗରେ ପବନ ବହିବା ସହ ଉତ୍ତାଳ ତରଙ୍ଗ ଉଠୁଛୁ। ଏଣୁ ଜୁଲାଇ ୪ରୁ ୭ ପର୍ଯ୍ୟନ୍ତ ସମୁଦ୍ର ମଧ୍ୟକୁ ଯିବାକୁ ପାଣିପାଗ ବିଭାଗ ପକ୍ଷରୁ ବାରଣ କରାଯାଇଛି। ଏହା ସତ୍ତ୍ୱେ ଗଞ୍ଜାମ ଜିଲ୍ଲାର ଅନ୍ୟତମ ପୁରାତନ ଜେଟି ଆର୍ଯ୍ୟପଲ୍ଲୀରେ ୩୪ ଅଧିକ ଆନ୍ଧ୍ର ଟ୍ରଲର ଅଟକି ରହିଛନ୍ତି।

### ଉଦ୍ଧାର କାର୍ଯ୍ୟ ଜାରି

ସେମାନଙ୍କୁ ସୁରକ୍ଷିତ କୂଳକୁ ଆଣିବାକୁ ପ୍ରଶାସନ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ସୂଚନାନୁସାରେ ରବିବାର ରାତି ଠାରୁ ଆନ୍ଧ୍ରପ୍ରଦେଶର ମାଛଧରା ଡଙ୍ଗା ଓ ଟ୍ରଲର ଫସି ରହିଛନ୍ତି। ସେଥିରେ ମଧ ବହୁ ମତ୍ସ୍ୟଜୀବୀ ଅଛନ୍ତି। ସମୁଦ୍ର ଅଶାନ୍ତ ଥିବାରୁ ସେମାନେ ନିଜ ଅଂଚଳକୁ ଫେରି ପାରୁନାହାଁନ୍ତି। ଏବେ ପବନର ବେଗ ବଢୁ ଥିବାରୁ ସମୁଦ୍ର ଆହୁରି ଅଶାନ୍ତ ହୋଇପଡ଼ିଛି। ସୂଚନା ପାଇ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଫସି ରହିଥିବା ମତ୍ସ୍ୟଜୀବୀଙ୍କୁ ଏବଂ ଟ୍ରଲର ଗୁଡ଼ିକୁ ସୁରକ୍ଷିତ ଭାବେ ଗୋପାଳପୁର ବନ୍ଦର ପରିସରରେ ସେମାନଙ୍କୁ ଆଶ୍ରୟ ଦେବାକୁ କୁହାଯାଇଛି। ପରିସ୍ଥିତି ଉପରେ ତଟରକ୍ଷୀ ବାହିନୀ ଏବଂ ଆର୍ଯ୍ୟପଲ୍ଲୀ ସାମୁଦ୍ରିକ ଥାନା ପୁଲିସ ସତର୍କ ନଜର ରଖିଛନ୍ତି। କେତକ ଟ୍ରଲର ପହଁଚି ଯାଇଥିବା ବେଳେ ଆଉ କିଛି ଟ୍ରଲରକୁ ଆଣିବା ପାଇଁ ବ୍ୟବସ୍ଥା କରାଯାଉଛି ଏବଂ ସେମାନଙ୍କୁ ଉଦ୍ଧାର କରିବା ଦିଗରେ କାର୍ଯ୍ୟ ଚାଲିଛି ବୋଲି ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତି ଭାସନ ଗଣମାଧମକୁ ସୂଚନା ଦେଇଛନ୍ତି।

### ରଥଯାତ୍ରା ସମୀକ୍ଷା ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ସମର୍ପଣ ଓ ସମନ୍ୱୟର ମନ୍ତ୍ର

## ତ୍ରୁଟିଶୂନ୍ୟ ରଥଯାତ୍ରା ଉପରେ ଗୁରୁତ୍ୱ



ଭୁବନେଶ୍ୱର, ୬/୭(ନି/ପ୍ର): ରଥଯାତ୍ରା ପାଇଁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସମୀକ୍ଷା ବୈଠକ। ମିଟିଂରେ ସମର୍ପଣ ଓ ସମନ୍ୱୟର ମନ୍ତ୍ର ଦେଲେ ମୋହନ ଚରଣ ମାଝୀ। ତ୍ରୁଟିଶୂନ୍ୟ ରଥଯାତ୍ରା ଉପରେ ଗୁରୁତ୍ୱ। ସ୍ୱାସ୍ଥ୍ୟ, ପରିମଳ ଓ ଟ୍ରାଫିକ୍ ଉପରେ ଫୋକସ୍। କର୍ଡନ ପାସ୍ ଉପରେ କଟକଣା। ଗତବର୍ଷର ଅଘଟଣର ପୁନରାବୃତ୍ତି ନହେବାକୁ ଭିଡ଼ ନିୟନ୍ତ୍ରଣ ପାଇଁ ମୁଖ୍ୟମନ୍ତ୍ରୀ ଜିଲ୍ଲାପାଳଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ନିୟମ ଅନୁସାରେ ଗୋଟିଏ ବି ଅଧିକ କର୍ଡନ ପାସ୍ ଇସ୍ୟୁ ନ କରିବାକୁ କହିଛନ୍ତି। ନୀତିକାନ୍ତି ସହ ଜଡ଼ିତ ସେବକ ଓ କର୍ମଚାରୀଙ୍କ ବ୍ୟତୀତ ଆଉ କାହାକୁ ପାସ୍ ଦିଆଯିବନି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି ସମର୍ପଣ ଭାବ ନେଇ ସବୁ ବିଭାଗକୁ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ସେବାୟତ ଓ କର୍ମଚାରୀଙ୍କୁ ସମନ୍ୱୟ ରକ୍ଷା କରି ଦାୟିତ୍ୱ ନିର୍ବାହ କରିବାକୁ ଅପିଲ୍ କରିଛନ୍ତି। ସେ କହିଛନ୍ତି ଯେ, ପୁରୀ ରଥଯାତ୍ରା ଉପରେ ସାରା ବିଶ୍ୱର ନଜର ରହିଛି। ରଥଯାତ୍ରା ସୁରୁଖୁରୁରେ ସାରିବା ଓ ଭକ୍ତଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଆମର ଦାୟିତ୍ୱ। ସେବାୟତଙ୍କ ନିଷ୍ଠା ଯୋଗୁଁ ମହାପ୍ରଭୁଙ୍କ ନୀତିକାନ୍ତିରେ କୌଣସି ଅସୁବିଧା କେବେ ହୋଇନି। ଏବର୍ଷ ବି କୌଣସି ଅସୁବିଧା ହେବନି ବୋଲି ମୁଁ ଆଶା କରୁଛି। ସମନ୍ୱୟ ରକ୍ଷା କରି ଦାୟିତ୍ୱ ନିର୍ବାହ କଲେ ରଥଯାତ୍ରା ତ୍ରୁଟିଶୂନ୍ୟ ହୋଇପାରିବ। ରଥଯାତ୍ରା ପ୍ରସ୍ତୁତି ପ୍ରାୟ ଶେଷ ପର୍ଯ୍ୟାୟରେ ପହଚିଁଛି। ଚଳିତବର୍ଷ ପ୍ରାୟ ୧୫ ରୁ ୧୭ ଲକ୍ଷ ଭକ୍ତଙ୍କ ସମାଗମ ହେବା ନେଇ ଆକଳନ କରାଯାଇଥିବା ବେଳେ ଠାକୁରଙ୍କ ଶୃଙ୍ଖଳିତ ନୀତିକାନ୍ତି, ପହଣ୍ଡି, ରଥଟଣା, ଦର୍ଶନ, ଭକ୍ତଙ୍କ ସୁବିଧା, ସୁରକ୍ଷା ସହ ବିଭିନ୍ନ ବ୍ୟବସ୍ଥା ସମ୍ପର୍କରେ ସମୀକ୍ଷା ବୈଠକରେ ଆଲୋଚନା ହୋଇଛି। ରଥଯାତ୍ରା ପ୍ରସ୍ତୁତିକୁ ନେଇ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଛନ୍ତି ଯେ, ମହାପ୍ରଭୁଙ୍କ ରଥଯାତ୍ରା ଶୃଙ୍ଖଳିତ ଭାବେ ସମ୍ପନ୍ନ ହେଉ ବୋଲି ଆମ ସମସ୍ତଙ୍କର ଗୋଟିଏ ଉଦ୍ଦେଶ୍ୟ। ଭକ୍ତଙ୍କୁ ସୁବିଧା, ସୁରକ୍ଷା ଯୋଗାଇଦେବା ଆମର ମୁଖ୍ୟ କର୍ତବ୍ୟ। ଜେବିପିସି ମାଧ୍ୟମରେ ଇଂଟିଗ୍ରେଟେଡ କମାଣ୍ଡ କଣ୍ଟ୍ରୋଲ ସେଣ୍ଟର ଖୋଲାଯାଇଛି। ଗୁଣ୍ଡିଚା ମନ୍ଦିର ଠାରେ ମଧ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି।

## ଛୋଟ ବନ୍ୟା ଆଶଙ୍କା : ଜଳ ସମ୍ପଦ ସର୍ବୋଚ୍ଚ ଯନ୍ତ୍ରୀ

ଭୁବନେଶ୍ୱର,୬/୭(ନି/ପ୍ର):ଗତ କିଛି ଦିନ ଧରି ସାରା ରାଜ୍ୟରେ ଲାଗି ରହିଛି ଲଗାଣ ବର୍ଷା। ଅନେକ ସ୍ଥାନରେ ପ୍ରବଳ ବର୍ଷା ମଧ ରେକର୍ଡ କରାଯାଇଛି। ବୈତରଣୀ ଉପରମୁଣ୍ଡରେ ଅଧିକ ବର୍ଷା ହୋଇଛି ବୋଲି ପାଣିପାଗ ବିଭାଗର ସୂଚନା ମିଳିଛି। ଏହାର ପ୍ରଭାବରେ ତଳିଆ ଅଂଚଳରେ ଛୋଟ ବନ୍ୟା ଆଶଙ୍କା ଥିବା ନେଇ ଜଳ ସମ୍ପଦ ସର୍ବୋଚ୍ଚ ଯନ୍ତ୍ରୀ ସୂଚନା ଦେଇଛନ୍ତି। ଅପରାହ୍ନ ୪ଟା ପରେ ବିପଦ ସଙ୍କେତ ଅତିକ୍ରମ କରିବ ବୈତରଣୀ। ଏହାପରେ ଆସନ୍ତା ୨୪ ଘଣ୍ଟାରେ ଯାଜପୁର, ଆଖୁଆପଦା ଓ ଭଦ୍ରକରେ ବନ୍ୟା ଆଶଙ୍କା ଥିବା ଯନ୍ତ୍ରୀ ସୂଚନା ଦେଇଛନ୍ତି।ବୈତରଣୀରେ ଜଳସ୍ତର ବଢୁଥିବାରୁ ଛୋଟ ବନ୍ୟା ଆଶଙ୍କା କରାଯାଉଥିବା ଜଳ ସମ୍ପଦ ସର୍ବୋଚ୍ଚ ଯନ୍ତ୍ରୀ ଦିଲ୍ଲୀପ ରାଉତ କହିଛନ୍ତି। ଯାଜପୁରର ତଳିଆ ଅଂଚଳ ପ୍ରଭାବିତ ହେବାକୁ ଥିବା ସହ ଆଖୁଆପଦାରେ ୧୮.୦୬ ମିରୁ ଅଧିକ ବନ୍ୟା ଜଳ ପ୍ରବାହିତ ହେଉଛି। ବିଭିନ୍ନ ତଳିଆ ଅଂଚଳବାସୀଙ୍କୁ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି ଏସଆରସି। ଏଥିପାଇଁ ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ଆଗୁଆ ପଦକ୍ଷେପ ଗ୍ରହଣ କରାଯାଇଛି



## ଟ୍ରମ୍ପ ଶାନ୍ତିଦୂତ ହେବ ନୋହିଲା !:

### ନାଟୋ ସମ୍ମିଳନୀ ପୂର୍ବରୁ ୟୁକ୍ରେନ ଉପରେ ବାଲିଷ୍ଟିକ୍ ଆକ୍ରମଣ କଲା ରୁଷ



ମସ୍କୋ,୬/୭: ରୁଷ ଏବଂ ୟୁକ୍ରେନ ମଧରେ ଯୁଦ୍ଧ ଚାରି ବର୍ଷରୁ ଅଧିକ ସମୟ ଧରି ଜାରି ରହିଛି। ଉଭୟ ଦେଶ ପରସ୍ପର ଉପରେ ଲଗାତାର ଆକ୍ରମଣ କରୁଛନ୍ତି। ଜୁଲାଇ ୭ରେ ହେବାକୁ ଥିବା ନାଟୋ ସମ୍ମିଳନୀର ଠିକ୍ ଗୋଟିଏ ଦିନ ପୂର୍ବରୁ, ରୁଷ ମଧରାତ୍ରିରେ ରାଜଧାନୀ କିଭ୍ ଉପରେ କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ଆକ୍ରମଣ କରିଛି। ଆକ୍ରମଣରେ ୮ ଜଣ ଲୋକଙ୍କ ମୃତ୍ୟୁ ଲୋକଙ୍କ ଘଟିବା ସହିତ ୩୪ ଜଣ ଆହତ ହାଇଛନ୍ତି। ସୋମବାର ମଧରାତିରେ ରୁଷ ରାଜଧାନୀ କିଭ୍‌କୁ ଟାର୍ଗେଟ କରି ଅନେକ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ମାଡ଼ କରିଥିଲା। ୟୁକ୍ରେନୀୟ ରାଷ୍ଟ୍ରପତି ଜେଲେନ୍ସ୍କି ଆଉ ଏକ ବଡ଼ ଧରଣର ଆକ୍ରମଣ ଆସନ୍ନ ବୋଲି ଚେତାବନୀ ଦେବାର କିଛି ଘଂଟା ପରେ ଏହି ଆକ୍ରମଣ ହୋଇଛି। ଆକ୍ରମଣ ପରେ, କିଭ୍ ମେୟର ଭିଟାଲି କ୍ଲିଟ୍ସକୋ କହିଛନ୍ତି ଯେ, ରାତି ଅଧିଆ ବୋମା ମାଡ଼ରେ କ୍ଷତିଗ୍ରସ୍ତ କୋଠାଗୁଡ଼ିକରୁ ଉଦ୍ଧାରକାରୀ ଦଳମାନେ ବାସିନ୍ଦାଙ୍କୁ ସ୍ଥାନାନ୍ତର କରୁଛନ୍ତି। କିଭ୍‌ରେ ସାତ ଜଣଙ୍କର ମୃତ୍ୟୁ ହୋଇଛି। ରାଜଧାନୀର ଉତ୍ତର-ପଶ୍ଚିମରେ ଥିବା ବୁଚା ଜିଲ୍ଲାରେ ମଧ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି।କିଭ୍ ଅଂଚଳର ସାମରିକ ପ୍ରଶାସନର ମୁଖ୍ୟ ତୈମୁର ତକାଚେଙ୍କୋ କହିଛନ୍ତି, କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ଆପାର୍ଟମେଂଟ ଏବଂ ଅନ୍ୟାନ୍ୟ ଆବାସିକ କୋଠାଗୁଡ଼ିକୁ ଟାର୍ଗେଟ କରିଥିଲା। ଏକ ଶିଳ୍ପ କାରଖାନାରେ ନିଆଁ ଲାଗିଥିବା ସେ କହିଛନ୍ତି। ଆକ୍ରମଣରେ ପୋଡିଲସ୍କି ଜିଲ୍ଲାରେ ଏକ ଆବାସିକ କୋଠା ଆଂଶିକ ଭାବରେ ନଷ୍ଟ ହୋଇଯାଇଛି। ଡାର୍ନିସିଆ ଜିଲ୍ଲାରେ ଅନେକ ବହୁତଳ କୋଠା କ୍ଷତିଗ୍ରସ୍ତ ହୋଇଛି ଏବଂ ଅନେକ ଲୋକ ଭଗ୍ନାବଶେଷ ତଳେ ଫସି ରହିଥିବା ଆଶଙ୍କା କରାଯାଉଛି ବୋଲି ସେ କହିଛନ୍ତି।ମେୟର କ୍ଲିଟସ୍କୋ କହିଛନ୍ତି ଯେ ବାୟୁ ପ୍ରତିରକ୍ଷା ପ୍ରଣାଳୀ କାର୍ଯ୍ୟକ୍ଷମ ଅଛି। ସେ ଲୋକଙ୍କୁ ସୁରକ୍ଷିତ ସ୍ଥାନରେ ଆଶ୍ରୟ ନେବାକୁ ଅନୁରୋଧ କରିଛନ୍ତି। ସୋମବାର ସକାଳ ପର୍ଯ୍ୟନ୍ତ ଜାରି ରହିଥିବା ଏହି ଆକ୍ରମଣରେ ବାଲିଷ୍ଟିକ୍ ଏବଂ କ୍ରୁଜ୍ କ୍ଷେପଣାସ୍ତ୍ର ତଥା ଡ୍ରୋନ୍ ବ୍ୟବହାର କରାଯାଇଥିଲା। ସହର ସାରା ବିସ୍ଫୋରଣ ହୋଇଥିଲା। ସାଧାରଣ ନାଗରିକମାନେ ମେଟ୍ରୋ ଷ୍ଟେସନରେ ଆଶ୍ରୟ ନେଇଥିଲେ। ଆସନ୍ତାକାଲି ଜୁଲାଇ ୭ ମଙ୍ଗଳବାର ଠାରୁ ତୁର୍କୀର ଅଙ୍କାରାରେ ଆରମ୍ଭ ହେବାକୁ ଥିବା ନାଟୋ ଶିଖର ସମ୍ମିଳନୀରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ୟୁକ୍ରେନର ଭୋଲୋଡିମିର ଜେଲେନ୍ସ୍କି ଯୁଦ୍ଧ ବିଷୟରେ ଆଲୋଚନା କରିବେ ବୋଲି ଆଶା କରାଯାଉଛି। ଆମେରିକାର ସ୍ୱାଧୀନତା ଦିବସ ପାଳନ ଅବସରରେ ଟ୍ରମ୍ପ ରୁଷିଆ ପ୍ରତିପକ୍ଷ ଭ୍ଲାଦିମିର ପୁଟିନଙ୍କ ସହ ପ୍ରାୟ ୯୦ ମିନିଟ୍ ଧରି ଟେଲିଫୋନରେ କଥା ହୋଇ ୟୁକ୍ରେନ ଯୁଦ୍ଧର ସମାଧାନ ଖୋଜିବାରେ ସାହାଯ୍ୟ କରିବାକୁ ପ୍ରସ୍ତାବ ଦେଇଥିଲେ।

## ବଢୁଛି ମହାନଦୀ, ବଂଶଧାରା ଓ ବୈତରଣୀ



ଭୁବନେଶ୍ୱର,୬/୭(ନି/ପ୍ର): ଲଘୁଚାପ ପ୍ରଭାବରେ ୩ଦିନ ହେଲା ସାରା ରାଜ୍ୟରେ ଲଗାଣ ବର୍ଷା ହେଉଛି। ଏହାରି ଫଳରେ କେଉଁଠି ଘରେ ପାଣି ପଶି ଜିନିଷପତ୍ର ବୁଡିଲାଣି ତ ଆଉ କେଉଁଠି ପାଣି ଘେରରେ ଲୋକେ ରହିଛନ୍ତି। ଗାଁରୁ ସହର ସବୁଠି ଲଗାଣ ବର୍ଷା ଜନଜୀବନକୁ ପ୍ରଭାବିତ କରିଛି। ଅନ୍ୟପଟେ ଲଗାଣ ବର୍ଷରେ ଋଷିକୁଲ୍ୟା, ବଂଶଧାରା ଏବଂ ବୈତରଣୀ ଫୁଲିବାରେ ଲାଗିଛି। ଉପରମୁଣ୍ଡରେ ବର୍ଷା ସହ ମହାନଦୀରେ ମଧ ଜଳସ୍ତର ବଢୁଛି। ହୀରାକୁଦ ଜଳଭଣ୍ଡାରକୁ ଗତକାଲି ରାତି ୯ଟାରେ ସେକେଣ୍ଡ ପିଛା ୩୬,୯୦୮ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ଆଜି ରାତି ୯ଟା ସୁଦ୍ଧା ଏହା ପ୍ରାୟ ଦୁଇଗୁଣ ୭୬,୦୫୩ ଘନଫୁଟ ଜଳ ପ୍ରବେଶ କରୁଥିବା ବନ୍ଧ ନିୟନ୍ତ୍ରଣ କକ୍ଷ ସୂତ୍ରରୁ ସୂଚନା ଦିଆଯାଇଛି। ସେହିପରି ଗତକାଲି ଜଳସ୍ତର ୬୦୧.୯୭ ଫୁଟରୁ ବୃଦ୍ଧି ପାଇ ଆଜି ରାତି ୯ଟାରେ ଏହା ୬୦୨.୭୫ ଫୁଟରେ ପହଁଛି। ୩ ତାରିଖରେ ରାତି ୯ଟାରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୦୦.୯୧ ଫୁଟ ରହିଥିଲା। ଏହି ସମୟରେ ଜଳଭଣ୍ଡାରକୁ ୨୯,୯୮୬ କ୍ୟୁସେକ ଜଳ ପ୍ରବେଶ କରୁଥିଲା। ସୂଚନା ଯେ, ହୀରାକୁଦ ଜଳଭଣ୍ଡାରର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ। ରାଜ୍ୟର ବିଭିନ୍ନ ନଦୀରେ ଜଳସ୍ତର ବଢୁଥିଲେ ମଧ ବନ୍ୟା ଆସିବାର ଆଶଙ୍କା ନାହିଁ ବୋଲି ବିଭାଗ ପକ୍ଷରୁ ପ୍ରକାଶ କରାଯାଇଛି। ଜଳ ସମ୍ପଦ ବିଭାଗ ପକ୍ଷରୁ ମିଳିଥିବା ସୂଚନାନୁଯାୟୀ, ରବିବାର ଅପରାହ୍ନ ୩ଟା ସୁଦ୍ଧା ଋଷିକୁଲ୍ୟା ସୋରଡାରେ ୭୭.୩୦ମିଟରରେ ଜଳ ପ୍ରବାହ ହେଉଥିଲା। ଏଠାରେ ବିପଦ ସଙ୍କେତ ୮୧.୯ମିଟର ରହିଛି। ସେହିପରି ପୁରୁଷୋତ୍ତମପୁରରେ ବିପଦ ସଙ୍କେତ ୧୬.୮୪ମିଟର ଥିବାସ୍ଥଳେ ୧୧.୬୭ମିଟରରେ ଜଳ ପ୍ରବାହ କରୁଥିଲା। ଏଠାରେ ଜଳ ପତନ ବଢୁଥିଲା। ବଂଶଧାରାର ଉପର ମୁଣ୍ଡରେ ପ୍ରବଳ ବର୍ଷା ହୋଇଥିବାରୁ କାଶୀନଗରରେ ଜଳସ୍ତର ବଢୁଛି। ଏଠାରେ ବିପଦ ସଙ୍କେତ ୫୪.୬୦ମିଟର ଥିବାବେଳେ ୫୨ମିଟରରେ ନଦୀଜଳ ପ୍ରବାହିତ ହେଉଥିଲା। ବୈତରଣୀ ଆନନ୍ଦପୁର ଏବଂ ଆଖୁଆପଦାରେ ବଢୁଛି। ଆନନ୍ଦପୁରରେ ବିପଦ ସଙ୍କେତ ୩୮.୩୬ମିଟର ଥିବାବେଳେ ୩୪.୦୩ ମିଟରରେ ପ୍ରବାହିତ ହେଉଥିଲା। ଆଖୁଆପଦାରେ ବିପଦ ସଙ୍କେତ ୧୮.୩୩ମିଟର ଥିବାବେଳେ ୧୬.୭୭ ମିଟରରେ ଜଳ ପ୍ରବାହିତ ହେଉଥିଲା। ମହାନଦୀର ନରାଜରେ ବିପଦ ସଙ୍କେତ ୨୬.୪୧ମିଟର ଥିବାବେଳେ ଏଠାରେ ରାତି ୯ଟା ସୁଦ୍ଧା ୨୨.୦୯ମିଟରରେ ଜଳ ପ୍ରବାହିତ ହେଉଛି। ଲଗାଣ ବର୍ଷରେ ଭୁବନେଶ୍ୱର ସହରରେ କିଛି ଜାଗାରେ ପାଣି ଜମିଥିବାରୁ ବିଏମ୍‌ସି ପକ୍ଷରୁ ପମ୍ପ ଲଗାଇ ଜଳ ନିଷ୍କାସନ କରାଯାଇଛି। କେତେକ ସ୍ଥାନରେ ଗଛ ଉପୁଡ଼ି ପଡ଼ିଛି। ତଳିଆ ଅଂଚଳରେ ପାଣି ଉଛୁଳି ରାସ୍ତାରେ ଚାଲିଛି। ତୁହାକୁ ତୁହା ବର୍ଷାରେ କେତେକ ସ୍ଥାନରେ ଜଳମଗ୍ନ ପରିସ୍ଥିତି ସୃଷ୍ଟି ହୋଇଥିଲା। ବଲାଙ୍ଗିରରେ ଲଗାଣ ବର୍ଷାରେ ପୁଇଁନ୍ତଲା ବ୍ଲକ୍ ଲୁହୁରେନପାଲିରେ ଭୁଶୁଡି ପଡ଼ିଛି ଝାଟିମାଟି ଘର। ଯେଉଁଥିରେ ଜଣକ ଜୀବନ ଯାଇଥିବା ଅଭିଯୋଗ ହୋଇଛି। ଖପ୍ରାଖୋଲ-କଟାଂବାଞ୍ଜି ରାସ୍ତାରେ ଚାଲିଛି ୩ଫୁଟର ବର୍ଷାପାଣି ଏବଂ ଏହି ରାସ୍ତାରେ ଯାତାୟାତ ପ୍ରଭାବିତ ହୋଇଛି। ଖୋରଧା-ବଲାଙ୍ଗିର ରେଲୱେର ଆଡେଣିଗଡ଼ ୪ନମ୍ବର ଟନେଲରେ ପଶିଛି ବର୍ଷାଜଳ ଏବଂ ପ୍ରଭାବିତ ହୋଇଛି ଟନେଲ ନିର୍ମାଣ।

## ଦିଲ୍ଲୀରେ ପ୍ରବଳ ବର୍ଷା ଯୋଗୁ ବିମାନ ସେବା ବାଧାପ୍ରାପ୍ତ



ନୂଆଦିଲ୍ଲୀ,୬/୭: ଦିଲ୍ଲୀରେ ରବିବାର ହାଲୁକାରୁ ମଧ୍ୟମ ଓ କେତେକ ସ୍ଥାନରେ ପ୍ରବଳ ବର୍ଷା ଯୋଗୁ ଲୋକମାନେ ଗରମରୁ ଆଶ୍ୱସ୍ତି ଲାଭ କରିଛନ୍ତି। ତେବେ ବର୍ଷା ଯୋଗୁ ଦିଲ୍ଲୀରେ ବିମାନ ସେବା ବାଧାପ୍ରାପ୍ତ ହୋଇଛି। ଜାତୀୟ ରାଜଧାନୀକୁ ଆସୁଥିବା ୧୫ଟି ବିମାନକୁ ଅନ୍ୟତ୍ର ଡାଇଭର୍ଟ କରାଯାଇଛି। ବିମାନବନ୍ଦର ସୂତ୍ର ଅନୁଯାୟୀ, ବର୍ଷା ଯୋଗୁ ୧୦ଟି ଘରୋଇ ବିମାନ ଓ ୫ ଟି ଅନ୍ତର୍ଜାତୀୟ ବିମାନ ପ୍ରଭାବିତ ହୋଇଛି। ବର୍ଷା ଯୋଗୁ ଦୃଶ୍ୟମାନ ଦୂରତା ହ୍ରାସ ପାଇବା ଓ ପ୍ରତିକୂଳ ପାଗ ଯୋଗୁ ବିମାନ ସେବା ବାଧାପ୍ରାପ୍ତ ହୋଇଥିଲା। ଭାରତୀୟ ପାଣିପାଗ ବିଭାଗ ସୂଚନା ଅନୁଯାୟୀ, ଆଗାମୀ ୪ ଦିନରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ହରିୟାଣା, ପଞ୍ଜାବ ଓ ରାଜସ୍ଥାନର ବାକି ଅଂଚଳକୁ ପ୍ରସ୍ତାରିତ ହେବ। ରାଜସ୍ଥାନରେ ଆସନ୍ତା ୩ ଦିନ ପର୍ଯ୍ୟନ୍ତ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଛି। ହିମାଚଳ ପ୍ରଦେଶରେ ରବିବାର ସ୍ୱଳ୍ପ ଧରଣର ବର୍ଷା ହୋଇଛି।

## ଇସ୍ତଫା ଦେଲେ ଭୁବନେଶ୍ୱର ଡିସିପି

ଭୁବନେଶ୍ୱର,୬/୭(ନି/ପ୍ର): ସୋମବାର ସକାଳୁ ଏକ ବଡ ଖବର ସାମ୍ନାକୁ ଆସିଛି। ଇସ୍ତଫା ଦେଲେ ଭୁବନେଶ୍ୱର ଡିସିପି। ଭୁବନେଶ୍ୱର ଡିସିପି ଜଗମୋହନ ମୀନା ଇସ୍ତଫା ଦେଇଛନ୍ତି। ସେ ୨୦୧୩ ବ୍ୟାଚର ଆଇପିଏସ। ଇସ୍ତଫା ଦେବା ପରେ ସେ ନିଜ ପ୍ରତିକ୍ରିୟାରେ କହିଛନ୍ତି, ସେ ବ୍ୟକ୍ତିଗତ କାରଣରୁ ଇସ୍ତଫା ଦେଇଛନ୍ତି। ସେ ଆହୁରି ମଧ କହିଛନ୍ତି, ଅନ୍ୟ କୌଣସି କାରଣ ନୁହେଁ। ବ୍ୟକ୍ତିଗତ କାରଣରୁ ଇସ୍ତଫା ଦେଇଛି, କୌଣସି ଚାପ ନଥିଲା। ଲୋକଙ୍କ ସେବା କରିବାର ସୁଯୋଗ ପାଇଛି। ଓଡିଶାର ଲୋକେ ବହୁତ ଭଲ। ପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦ ମୋ ଉପରେ ରହୁ।

## ଭାରତ ବି ଆମର ଉତମ ବନ୍ଧୁ : ଜେଡି ଭାନ୍ସଙ୍କୁ କଡ଼ା ଜବାବ ଦେଇ ଆଇନା ଦେଖାଇଲେ ନେତାନ୍ୟାହୁ



ୱାସିଂଟନ,୬/୭: ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଆମେରିକାକୁ ବିଶ୍ୱରେ ଇସ୍ରାଏଲର ଏକମାତ୍ର ସହଯୋଗୀ ବୋଲି କହିଥିବା ଜେଡି ଭାନ୍ସଙ୍କୁ ଉଚିତ୍ ଜବାବ ଦେଇଛନ୍ତି। ନେତାନ୍ୟାହୁ କହିଛନ୍ତି ଯେ, ଆମେରିକା ଇସ୍ରାଏଲର ଏକ ଶକ୍ତିଶାଳୀ ଏବଂ ନିକଟତମ ସହଯୋଗୀ, କିନ୍ତୁ ଇସ୍ରାଏଲର ବିଶ୍ୱରେ ଆହୁରି ଅନେକ ସହଯୋଗୀ ମଧ ଅଛନ୍ତି। ଏହା ପରେ ନେତାନ୍ୟାହୁ ଭାରତର ନାମ ନେଇ କହିଛନ୍ତି ଯେ ୧୪୦ କୋଟି ଜନସଂଖ୍ୟା ବିଶିଷ୍ଟ ଦେଶ ଇସ୍ରାଏଲର ଘନିଷ୍ଠ ସହଯୋଗୀ। ଆମେରିକୀୟ ପ୍ରସାରକ ଫକ୍ସ ନ୍ୟୁଜର ଏକ ଶୋ'ରେ, ନେତାନ୍ୟାହୁଙ୍କୁ ଜେଡି ଭାନ୍ସଙ୍କ ମନ୍ତବ୍ୟ ଉପରେ ପ୍ରତିକ୍ରିୟା ଦେବାକୁ କୁହାଯାଇଥିଲା ଯେଉଁଥିରେ ଆମେରିକାର ଉପରାଷ୍ଟ୍ରପତି ୱାସିଂଟନକୁ ଜେରୁସେଲମର ନିକଟତମ ସହଯୋଗୀ ବୋଲି କହିଥିଲେ। ଭାନ୍ସ ଏହା ମଧ କହିଥିଲେ ଯେ, ଇସ୍ରାଏଲ କ୍ୟାବିନେଟ ଇରାନ ସହିତ ଶାନ୍ତି ଚୁକ୍ତିକୁ ସମାଲୋଚନା କରିବା ପରିବର୍ତେ ସମର୍ଥନ କରିବା ଉଚିତ୍। ଉନ୍ନରରେ ନେତାନ୍ୟାହୁ କହିଥିଲେ ଯେ, ଇସ୍ରାଏଲର ହ୍ୱାଇଟ୍ ହାଉସ୍‌କୁ ଛାଡ଼ି ଦେଲେ ଅନ୍ୟ ବନ୍ଧୁ ମଧ ଅଛନ୍ତି। ସେ ବ୍ୟଙ୍ଗ କରି କହିଥିଲେ, ଆମର ଆଉ କିଛି ବନ୍ଧୁ ଅଛନ୍ତି, ଯେପରିକି ଭାରତ ଭଳି ଛୋଟ ଦେଶ। ଏହାର ଜନସଂଖ୍ୟା ୧୪୦ କୋଟି ଏବଂ ଆମେ ସେଠାରେ ସମର୍ଥନ ପାଉଛୁ। ସେ କହିଛନ୍ତି ଯେ, ତାଙ୍କୁ ସୋସିଆଲ ମିଡିଆରେ ଭାରତର ଲୋକଙ୍କଠାରୁ ସମର୍ଥନର ଅନେକ ବାର୍ତ୍ତା ମିଳୁଛି। ସେ କହିଛନ୍ତି, ମୁଁ ଫେସବୁକ୍ ଏବଂ ଅନ୍ୟାନ୍ୟ ମାଧମରେ ଲୋକଙ୍କଠାରୁ ସମର୍ଥନ ପାଉଛି। କାହାର ନାମ ନ ନେଇ ନେତାନ୍ୟାହୁ କହିଛନ୍ତି ଯେ ଅନେକ ଦେଶରେ ସୋସିଆଲ ମିଡିଆରେ ଇସ୍ରାଏଲ ବିରୋଧୀ, ଇହୂଦୀ ବିରୋଧୀ ବିଷୟବସ୍ତୁ ପୋଷ୍ଟ କରିବା ଫ୍ୟାଶନ ହୋଇଗଲାଣି। କିନ୍ତୁ ସେ ଦାବି କରିଛନ୍ତି ଯେ, ଏହି ତଥାକଥିତ ଦେଶଗୁଡ଼ିକର ନେତାମାନେ ତାଙ୍କୁ ଫୋନ୍ କରି ଚୁକ୍ତିନାମା ସ୍ୱାକ୍ଷର କରିବାକୁ କୁହନ୍ତି କିମ୍ବା ସେମାନଙ୍କ ସେନା ଦ୍ୱାରା ନିଆଯାଇଥିବା କିଛି କାର୍ଯ୍ୟ ବିଷୟରେ ସେମାନଙ୍କୁ ଶିକ୍ଷା ଦେବାକୁ କୁହନ୍ତି। ତେଣୁ ସମ୍ପର୍କ ଯେତିକି ବାସ୍ତବ ମନେ ହେଉଛି ସେତିକି ନୁହେଁ ଏବଂ ଆମର ବହୁ ବନ୍ଧୁ ଅଛନ୍ତି ବୋଲି ନେତାନ୍ୟାହୁ କହିଛନ୍ତି। ଇସ୍ରାଏଲୀ ନେତା ସ୍ୱୀକାର କରିଛନ୍ତି ଯେ, ତାଙ୍କର ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କ ସହ ଭଲ ସମ୍ପର୍କ ଅଛି, କିନ୍ତୁ ସେ ଏହା ମଧ କହିଛନ୍ତି, ଏହାର ଅର୍ଥ ନୁହେଁ ଯେ ମୁଁ ସବୁକିଛିରେ ସହମତ ହେବି। ଏହା ସହିତ, ସେ ରାଷ୍ଟ୍ରପତି ଟ୍ରମ୍ପଙ୍କ ସହ କୌଣସି ପ୍ରକାରର ମତଭେଦକୁ ମଧ ଅସ୍ୱୀକାର କରିଛନ୍ତି। ଇସ୍ରାଏଲୀ ପ୍ରଧାନମନ୍ତ୍ରୀ ଏହା ମଧ କହିଛନ୍ତି, ଅନ୍ୟ ଦେଶର ନେତାମାନେ ମଧ ପ୍ରାୟତଃ ତାଙ୍କ ସହିତ ବ୍ୟକ୍ତିଗତ ଭାବରେ ଯୋଗାଯୋଗ କରିଥାନ୍ତି ଏବଂ ସେମାନଙ୍କର ସମର୍ଥନ ପ୍ରକାଶ କରିଥାନ୍ତି, ଯଦିଓ ସେମାନଙ୍କୁ ନିଜ ଦେଶରେ ଜନ ସାଧାରଣଙ୍କ ଚାପର ସମ୍ମୁଖୀନ ହେବାକୁ ପଡ଼ିଥାଏ। ନେତାନ୍ୟାହୁ କହିଛନ୍ତି ଯେ ଏହି ଦେଶଗୁଡ଼ିକ ପ୍ରତିରକ୍ଷା, କୃତ୍ରିମ ବୁଦ୍ଧିମତା ଏବଂ ସାଇବର ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଇସ୍ରାଏଲ ସହିତ ମିଶି କାମ କରିବାକୁ ଚାହାଁନ୍ତି।




# କେନ୍ଦୁଝର ସମାଚାର

A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122


# ସେସେଲ୍ସରେ ଚମକିଲେ କେନ୍ଦୁଝର ପୁଅ ନିଶିକାନ୍ତ : ବାଲୁକା କଳାରେ ଓଡ଼ିଶାର ନିଆରା ସଂସ୍କୃତି, ପରମ୍ପରା ଛାପ



କେନ୍ଦୁଝର,୬/୭(ନି/ପ୍ର) : ମାଟିର ମହକ, କଠିନ ପରିଶ୍ରମ ଓ ଅଦମ୍ୟ ଇଚ୍ଛାଶକ୍ତି ସହ ପ୍ରତିଭା ମିଶିଗଲେ ଗାଁର ଏକ ସାଧାରଣ ଯୁବକ ମଧ୍ୟ ବିଶ୍ୱ ଦରବାରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରେ । କେନ୍ଦୁଝର ଜିଲ୍ଲା ମହାଦେଇଯୋଡ଼ା ଟିକରପଡ଼ା ଗାଁର ଯୁବ ବାଲୁକା ଓ ଟେରାକୋଟା କାରିଗର ନିଶିକାନ୍ତ ବେହେରା ଏହାକୁ ପ୍ରମାଣିତ କରିଛନ୍ତି । ନିଜ କଳାର ଯାଦୁରେ ସେ ବିଦେଶ ମାଟିରେ ପ୍ରଶଂସା ସାଉଁଟିବା ସହ କେନ୍ଦୁଝର ଓ ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି । ସେସେଲ୍ସ ଦେଶର ୫୦ତମ ସ୍ୱାଧୀନତା ବାର୍ଷିକୀ ଉପଲକ୍ଷେ ଆୟୋଜିତ ଭବ୍ୟ ଉତ୍ସବରେ ନିଶିକାନ୍ତଙ୍କୁ ବାଲୁକା କଳାକୃତି ପାଇଁ ଆମନ୍ତ୍ରଣ କରାଯାଇଥିଲା । ଦୁଇଜଣ ସହଯୋଗୀଙ୍କ ସହ ସେ ବିଦେଶ ମାଟିରେ ପହଂଚି ଏକ ନିଆରା ବାଲୁକା କଳାକୃତି ପ୍ରସ୍ତୁତ କରିଥିଲେ । ଏଥିରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଆନ୍ତର୍ଜାତିକ ମଂଚରେ ଓଡ଼ିଆ କଳାର ନିଆରା ଛାପ ଛାଡ଼ିଥିବା ନିଶିକାନ୍ତଙ୍କ ସୃଷ୍ଟିକୁ ଉପସ୍ଥିତ ଅତିଥି, ବିଦେଶୀ ପ୍ରତିନିଧି ଓ କଳାପ୍ରେମୀମାନେ ଭୂୟସୀ ପ୍ରଶଂସା କରିଥିଲେ । ୨୫ ବର୍ଷୀୟ ନିଶିକାନ୍ତଙ୍କ ବାପା ଗୌରଚନ୍ଦ୍ର ବେହେରା ଜଣେ ଟେରାକୋଟା କାରିଗର । ମା' ସୁଲୋଚନା ବେହେରା ପରିବାରର ମେରୁଦଣ୍ଡ । ତିନିଭାଇ ଓ ଭଉଣୀଙ୍କ ମଧ୍ୟରେ ସାନ ନିଶିକାନ୍ତ ଛୋଟବେଳୁ ବାପାଙ୍କ ସହ ମିଶି ମାଟିକୁ ବିଭିନ୍ନ ଆକାର ଦେବା ଶିଖିଥିଲେ । ବାଲେଶ୍ୱର ଆର୍ଟ ଆଣ୍ଡ କ୍ରାଫ୍ଟ କଲେଜରେ ଯୁକ୍ତ ୨ ପର୍ଯ୍ୟନ୍ତ ପଢ଼ିବା ପରେ ସେ କଳାକୁ ନିଜର ଜୀବିକା ଭାବେ ବାଛିଥିଲେ । ୨୦୧୮ରେ ନିଶିକାନ୍ତ ମୁମ୍ବାଇର ଏକ ଘରୋଇ ସଂସ୍ଥାର ଆମନ୍ତ୍ରଣରେ ବେଙ୍ଗାଲୁରୁର ମିଲେନିୟମ୍ ପାର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କାର୍ଯ୍ୟକ୍ରମ ଅବସରରେ ବାଲୁକା କଳା ପ୍ରଦର୍ଶନ କରିଥିଲେ । ପରବର୍ତ୍ତୀ ସମୟରେ ଗୁଜରାଟର ଶଙ୍ଖେଶ୍ୱରରେ ଜୈନଧର୍ମକୁ ନେଇ ସେ ନିର୍ମାଣ କରିଥିବା ବାଲୁକା କଳାକୃତି ବେଶ୍ ପ୍ରଶଂସା ସାଉଁଟିଥିଲା । ଡାମନ ଓ ଡିଉରେ ରାଷ୍ଟ୍ରପତିଙ୍କ ଗସ୍ତ ଅବସରରେ ମଧ୍ୟ ତାଙ୍କ କଳାକୃତି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ପୁରୀ ସମୁଦ୍ରକୂଳରେ ବାଲୁକା କଳା ଉତ୍ସବରେ ସେ ନିୟମିତ ଭାଗନେଇ ନିଜ ପ୍ରତିଭାର ପ୍ରମାଣ ଦେଇଛନ୍ତି ।

# ରକ୍ତଦାନ ଶିବିର



କେନ୍ଦୁଝର,୬/୭(ନି/ପ୍ର) : ସମବାୟ ସପ୍ତାହ ୨୦୨୬ ଓ ସହକାରିତା ମନ୍ତ୍ରଣାଳୟ ର ୫ବର୍ଷପୂର୍ତ୍ତିଅବସରରେ କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ ସଭାଗୃହ ରେ ଉପନିବନ୍ଧକ ସମବାୟ ସମିତି ସମୂହ କେନ୍ଦୁଝର ଙ୍କ ଦ୍ୱାରା ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି, ଏହି ଶିବିର ରୁ ସ୍ୱେଚ୍ଛାକୃତ ଭାବେ ୫୪ୟୁନିଟ ରକ୍ତ ସଂଗୃହିତ ହୋଇ ମାନବକଲ୍ୟାଣ ନିମନ୍ତେ ଜିଲ୍ଲା ରକ୍ତକେନ୍ଦ୍ର କୁ ପ୍ରଦାନ କରାଯାଇଛି, ଏ ଅବସରରେ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି କାନନ ବିହାରୀ ପହି, ଡିଆରସିଏସ ପର୍ଶୁରାମ ପାତ୍ର, ଯୁଗ୍ମ ସମ୍ପାଦକ ପ୍ରମୋଦ ଦାସ କୋଅପରେଟିଭ ସମ୍ପାଦକ ଅଟଳ ଶତପଥି, ଏଆରସିଏସ କେନ୍ଦୁଝର ସୁଦର୍ଶନ ନାଏକ ଏଆରସିଏସ ଆନନ୍ଦପୁର ରାମଚନ୍ଦ୍ର ବିଶ୍ୱାଳ, ମ୍ୟାନେଜର ଆଲୋକ ବଳଜିଲ୍ଲା ରେଡ଼କ୍ରସ ଯୁଗ୍ମ ସମ୍ପାଦକ ଏ ଆର ଖାନ, ବ୍ୟାଙ୍କର ସମସ୍ତ କର୍ମଚାରୀ ଉପସ୍ଥିତ ରହି ଶିବିର କୁ ସଫଳତା ର ସ୍ୱାଦ ଦେଇଥିଲେ, ଡାକ୍ତର ଚିନ୍ମରଞ୍ଜନ ସେଠି, ରକ୍ତକେନ୍ଦ୍ର ଲୋକସମ୍ପର୍କ ଅଧିକାରୀ ଅକ୍ଷୟ ସାହୁ ସହାୟକ ଗଣ ରକ୍ତ ସଂଗ୍ରହ କରିଥିଲେ, ସମସ୍ତ ରକ୍ତଦାତା ଙ୍କୁ ପ୍ରମାଣ ପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା

## ପ୍ରଥମ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ

ଖୋର୍ଦ୍ଧା, ୬/୭(ନି/ପ୍ର) : ଶନିବାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଚିଠି ସଂଖ୍ୟା ୭୨୩୩/ ୦୧-୦୭-୨୦୨୬ ଅନୁସାରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଦଳେଇପୁଟ ଠାରେ କୁରାଡ଼ମଲ୍ଲ କଷ୍ଟରର ପ୍ରଥମ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଅଛି । ଏହି ପ୍ରଶିକ୍ଷଣକୁ ସରକାରୀ ଉଚ୍ଚ ବିଦ୍ୟାଳୟ କୁରାଢ ମଲ୍ଲର ପ୍ରଧାନ ଶିକ୍ଷୟିତ୍ରୀ ପ୍ରଭାସିନୀ ଦାସ ଓ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଦଳେଇପୁଟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ମଞ୍ଜୁଲତା ପଣ୍ଡା ଶ୍ରୀ ଗଜାନନଙ୍କ ଚରଣରେ ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ । କ୍ଲଷ୍ଟରରେ ଥିବା ଦଶଗୋଟି ବିଦ୍ୟାଳୟରୁ ପ୍ରଧାନ ଗୁରୁଜୀ ଓ ଗୁରୁ ମାଆମାନଙ୍କ ସହିତ ଏଫ୍.ଏଲ୍.ଏନ୍ ଶିକ୍ଷକ, ଶିକ୍ଷୟିତ୍ରୀମାନେ ଯୋଗଦାନ କରିଥିଲେ । ବୈଠକରେ ଚଳିତ ଶିକ୍ଷା ବର୍ଷର ମାସିକ କ୍ଲଷ୍ଟରସ୍ତରୀୟ ବୈଠକର ସ୍ୱତନ୍ତ୍ରତା, ବାର୍ଷିକ କାର୍ଯ୍ୟ ଯୋଜନା, ବିଦ୍ୟାଳୟ ସମୟ ନିର୍ଘଂଟ, ଶିକ୍ଷଣ ଫଳାଫଳ ପୁସ୍ତିକା,

# ପ୍ରଥମ ଲଘୁଚାପ ବର୍ଷାରେ ବେହାଲ ଗ୍ରାମ୍ୟ ରାସ୍ତା : ଅନେକ ସ୍ଥାନରେ ଜମି ରହିଛି ବର୍ଷାଜଳ



ରୁପ୍ରା, ୬/୭(ନି/ପ୍ର) : କଳାହାଣ୍ଡିଜିଲ୍ଲା ନର୍ଲା ବ୍ଲକ ଅନ୍ତର୍ଗତ ରୁପ୍ରା ସମେତ କର୍ମେ ଗାଁ, ଭୀମକେଲା, ଭାନପୁର, ଘୋଡ଼ାବନ୍ଧ, ପଲମ, ଟକର୍ଲା, ଗିଗିନା ଓ ମୁସ୍କୁଟି ପଂଚାୟତର ସମସ୍ତ ଗ୍ରାମରେ ଶୁକ୍ରବାର ରାତିରୁ ଚଳିତ ମୌସୁମୀ ଋତୁର ପ୍ରଥମ ଲଘୁଚାପ ପ୍ରଭାବରେ ତୁହାକୁତୁହା ଝିପି ଝିପି ବର୍ଷା ହେଉଥିବା ବେଳେ ଶନିବାର ରାତିସାରା ବିଭିନ୍ନ ଅଂଚଳରେ ପ୍ରବଳ ବର୍ଷା ହୋଇଥିଲା । ସେହିପରି ତିନିଦିନ ହେଲା ଏପରିକି ବର୍ତ୍ତମାନ ପର୍ଯ୍ୟନ୍ତ ବର୍ଷା ଲାଗିରହିଛି । ଫଳରେ ବିଭିନ୍ନ ଗ୍ରାମ୍ୟ ରାସ୍ତା ସମେତ ଅନେକ ତଳିଆ ଜାଗାରେ ବର୍ଷାପାଣି ଜମିରହିଥିବା ଦେଖିବାକୁ ମିଳିଛି । ମେଘ ଡାକିଁ ରହିଥିବାରୁ ରୁପ୍ରାର ଅନେକ ନଳକୂପର ସୌର ପ୍ରକଳ୍ପରୁ ପାଣି ବାହାରି ପାରୁନାହିଁ, ଫଳରେ ଲୋକେ ପାନୀୟ ଜଳ ପାଇଁ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ରୁପ୍ରା ଆମ୍ବେଦକର ଛକରେ ଥିବା ନଳକୂପ ପରିସରରେ ଆଣ୍ଠୁଏ ପାଣି ଜମି ରହିଥିବାରୁ ଲୋକେ ପାଣି ନେବାପାଇଁ ବହୁତ ଅସୁବିଧାର ସମ୍ମୁଖୀନ ହେଉଥିବା ଦୃଷ୍ଟି ଗୋଚର ହୋଇଛି, ସେହିପରି ନଳକୂପ ପରିସରରେ ଜମି ରହିଥିବା ଦୂଷିତ ମଇଳା ପାଣି ନଳକୂପ ଭିତରକୁ ପସିଯାଉଥିବା ସ୍ଥାନୀୟ ଲୋକେ କହିଛନ୍ତି । ତେବେ ରୁପ୍ରାରେ ବିପର୍ଯ୍ୟସ୍ତ ଡ୍ରେନ ସମସ୍ୟା ଯୋଗୁଁ ଗ୍ରାମର ମୁଖ୍ୟରାସ୍ତାରୁ ଅଙ୍ଗନବାଡି କେନ୍ଦ୍ର - ୧କୁ ଯାଇଥିବା ରାସ୍ତାରେ ଆଣ୍ଠୁଏ ପାଣି ଜମି ରହିଥିବାରୁ ଗମନାଗମନ ସମୟରେ ସ୍ଥାନୀୟ ଲୋକେ ତଥା ଅଙ୍ଗନବାଡି କେନ୍ଦ୍ରର କୁନିକୁନି ପିଲାମାନେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସେହିପରି ରୁପ୍ରା ପେକ୍ସ ରାସ୍ତା, ଆୟୁଷ୍ମାନ ଆରୋଗ୍ୟ ମନ୍ଦିରର ସମ୍ମୁଖ ରାସ୍ତା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବବିତା ସାହୁଙ୍କ ଗଳି ରାସ୍ତା, ତ୍ରିନାଥ ମନ୍ଦିର ଛକରୁ ଷ୍ଟେଟବ୍ୟାଙ୍କକୁ ସଂଯୋଗ କରୁଥିବା ଛକ ରାସ୍ତା ସମେତ ଅନ୍ୟାନ୍ୟ ରାସ୍ତା ମାନଙ୍କରେ ମଧ୍ୟ ବର୍ଷାଜଳ ସମେତ ନଳକୂପ ଓ ଘରୋଇ ବ୍ୟବହାର ବଳକା ଦୂଷିତ ପାଣି ପ୍ରବାହିତ ହେଉଛି, ଫଳରେ ମଶା ମାଛିଙ୍କ ବଂଶ ବୃଦ୍ଧି ହେବା ଆଶଙ୍କା ସୃଷ୍ଟି ହୋଇଛି । ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଲୋକେ ଦାବୀ କରିଛନ୍ତି । ସେହିପରି ତିନିଦିନ ହେଲା ତୁହାକୁ ତୁହା ବର୍ଷା ହେଉଥିବାରୁ ମାଟିଘର ଭୁଶୁଡ଼ିବା ଆଶଙ୍କା ଥିବାରୁ ଗରିବ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ଦେଖାଦେଇଛି । ବର୍ଷା ପ୍ରଭାବରେ ରୋପଣ ହୋଇଥିବା କପା ଗଜା ହୋଇନପାରି ପଚିଯିବା ଆଶଙ୍କା ଦେଖାଦେଇଛି । ତେବେ ବର୍ଷା ଜାରି ରହିଲେ ବୁଣା ଯାଇଥିବା ଧାନ ମଧ୍ୟ ନଷ୍ଟ ହେବା ସମ୍ଭାବନା ରହିଥିବାରୁ ଚାଷୀମାନେ ଚିନ୍ତିତ ରହିଛନ୍ତି ।

# କାଠ ସଂଗ୍ରହ ବେଳେ ନଦୀରେ ଭାସି ଯାଉଥିଲେ ଦୁଇ ମହିଳାଙ୍କୁ ଉଦ୍ଧାର କଲା ଅଗ୍ନିଶମ ବାହିନୀ



ଜହ୍ନାପଙ୍କ,୬/୭(ନି/ପ୍ର) : ରବିବାର ଦିନ ସାଢ଼େ ୧୦ଟା ସମୟରେ ବୌଦ୍ଧ ବ୍ଲକ ବଘିଆପଡା ଗ୍ରାମ ପଚାଂୟତ ପାଲଝାର୍ ନିକଟ ସାଲୁଙ୍କି ନଦୀକୁ କାଠ ସଂଗ୍ରହ ପାଇଁଯାଇ ଭାସି ଯାଉଥିବା ଦୁଇ ମହିଳାଙ୍କୁ ଉଦ୍ଧାର କରିଛି ଅଗ୍ନିଶମ ବାହିନୀ । ମିଳିଥିବା ସୂଚନା ଅନୁଯାୟୀ ସାଲୁଙ୍କିରେ ବନ୍ୟା ଜଳ ଆସିଥିବା ବେଳେ ବନ୍ୟା ପାଣିରେ ଅନେକ ଗଛ ଡାଳ ଓ ଶୁଖିଲା କାଠ ଭାସିଆସୁଥିଲା । ଉକ୍ତ କାଠକୁ ନଦୀରୁ ଉଦ୍ଧାର କରି ଜାଳେଣି ପାଇଁ ସଂଗ୍ରହ କରିବାକୁ ଲକ୍ଷ୍ମୀପଦର ଗ୍ରାମର ଯଶୋବନ୍ତୀ ନାଏକ ଓ ତାଙ୍କ ଘରକୁ କୁନିଆ ଆସିଥିବା ବାଉଁଶୁଣୀ ଥାନା ଗୋଛାପଡା ଗ୍ରାମର କୁମାରୀ ମାଝୀ ବନ୍ୟାପାଣିରେ ଭାସି ଯାଇଥିଲେ । ଖବର ପାଇ ବୌଦ୍ଧ ଅଗ୍ନିଶମ ବାହିନୀ ପହଂଚି ଉଭୟ ମହିଳାଙ୍କୁ ଉଦ୍ଧାର କରିଥିବା ସୂଚନା ମିଳିଛି ।

## ଗୁଣ୍ଡିଚା ଘାଗି ଜଳ ପ୍ରପାତରେ ଭାସି ନିଖୋଜ ଥିବା ଯୁବକର ମୃତଦେହ ଉଦ୍ଧାର

ଘଟଗାଁ,୬/୭(ନି/ପ୍ର) : କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ଗୁଣ୍ଡିଚା ଘାଗି ଜଳ ପ୍ରପାତ ରେ ଭାସି ନିଖୋଜ ଥିବା ଯୁବକର ମୃତ ଦେହ ୪ଦିନ ପରେ ଉଦ୍ଧାର ହୋଇଛି. ସୂଚନା ଅନୁସାରେ କେନ୍ଦ୍ରାପଡ଼ା ଜିଲ୍ଲାର ସାରଙ୍ଗ ପୁର ଗ୍ରାମର ଯୁବକ ଗୁଲସନ କୁମାର ସାମଲ ନିଜ ସାଙ୍ଗ ମାନଙ୍କ ସହିତ ଘଟଗାଁ ବ୍ଲକ ଅନ୍ତର୍ଗତ ବଣ ଚକୁଳିଆ ଗ୍ରାମ ନିକଟରେ ଥିବା ଗୁଣ୍ଡିଚା ଘାଗି ଜଳ ପ୍ରପାତ କୁ ବୁଲିବାକୁଚାଳିତ ଜୁଲାଇ ୧ତାରିଖ ଦିନ ବୁଲିବାକୁ ଆସିଥିଲେ. ବୁଲାବୁଲି ବେଳେ ଫୋଟୋ ଉତୋଳନ କରୁ ଥିବା ସମୟରେ ହଠାତ ଗୋଡ଼ ଖସି ଯିବାରୁ ଜଳର ସ୍ରୋତରେ ଭାସି ଯାଇ ନିଖୋଜ ହୋଇ ଯାଇ ଥିଲେ. ଆଜିଗ୍ରାମର କିଛି ଲୋକ ମୃତଦେହ ଦେଖି ଅଗ୍ନିଶମ ବାହିନୀଙ୍କୁ ଖବର ଦେଇ ଥିଲେ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଂଚି ମୃତ ଦେହକୁ ଉଦ୍ଧାର କରିଛନ୍ତି ।

# ରଥଯାତ୍ରା ୨୦୨୬ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

କେନ୍ଦ୍ରାପଡ଼ା,୬/୭(ନି/ପ୍ର) : ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଶ୍ରୀ ଶ୍ରୀ ବଳଦେବଜୀଉଙ୍କ ପବିତ୍ର ରଥଯାତ୍ରା ୨୦୨୬କୁ ଶାନ୍ତିଶୃଙ୍ଖଳା ସହିତ ସମାପନ ନିମନ୍ତେ ଜିଲ୍ଲାପାଳ ରଘୁରାମ ଆର୍. ଆୟରଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରସ୍ତୁତି ବୈଠକରେ ମୁଖ୍ୟତଃ ରଥଗଠନ, ରଥଯାତ୍ରା ଓ ବାହୁଡ଼ାଯାତ୍ରା ନୀତି ନିର୍ଘଂଟ, ରାସ୍ତାଘାଟ ମରାମତି, ନିରବିଚ୍ଛିନ୍ନ ବିଦ୍ୟୁତ ଯୋଗାଣ, ଜନସ୍ୱାସ୍ଥ୍ୟ, ଜଳଯୋଗାଣ, ପ୍ରାଥମିକ ସ୍ୱାସ୍ଥ୍ୟ ବ୍ୟବସ୍ଥା, ନିଶା ନିବାରଣ, ଅଗ୍ନି ନିରାପଦ ବ୍ୟବସ୍ଥା, ଶାନ୍ତି ଶୃଙ୍ଖଳା, ସୂଚନା କେନ୍ଦ୍ର, ସାଂସ୍କୃତିକ କାର୍ଯ୍ୟକ୍ରମ, ଟ୍ରାଫିକ କଟକଣା ଇତ୍ୟାଦି ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା । ଏହାବ୍ୟତୀତ ରଥଦାଣ୍ଡ ସଫେଇ, ଆପ୍ରଚ ରାସ୍ତା ମରାମତି, ଆମ୍ବୁଲାନ୍ସ ସେବା, ପରିବା ବିକାଳୀଙ୍କୁ ବଡ଼ଦାଣ୍ଡରେ ରଥଯାତ୍ରା ଠାରୁ ବାହୁଡ଼ାଯାତ୍ରା ପର୍ଯ୍ୟନ୍ତ ନବସିବା ପାଇଁ ବାରଣ କରାଯିବା, ସଫେଇ ବ୍ୟବସ୍ଥା, ଅଚଳ ଷ୍ଟ୍ରିଟ ଲାଇଟ୍ ମରାମତି, ହାଇମାକ୍ସ ଲାଇଟ୍ ବ୍ୟବସ୍ଥା, ବଡ଼ଦାଣ୍ଡରେ ଆମିଷ ସମ୍ପୂର୍ଣ୍ଣ ଭାବେ ବିକ୍ରି ବନ୍ଦ କରାଯିବା, ଅସ୍ଥାୟୀ ସିସି ଟିଭି ଲଗେଇବା, ଠାକୁରଙ୍କ ସାମ୍ନାରେ ସେବାୟତମାନେ ଭିଡ଼ ନକରିବା ଇତ୍ୟାଦି ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା । ଚଳିତ ରଥଯାତ୍ରା ଓ ବାହୁଡ଼ାଯାତ୍ରାକୁ ଶାନ୍ତିଶୃଙ୍ଖଳା ସହ ସମାପନ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ଜନସାଧାରଣ ଓ ସେବାୟତମାନଙ୍କ ସାହାଯ୍ୟ ସହଯୋଗ କାମନା କରାଯାଇଥିଲା । ଗତବର୍ଷ ଭଳି ଏ ବର୍ଷ ମଧ୍ୟ ବିଭିନ୍ନ ସରକାରୀ ବିଭାଗ ପକ୍ଷରୁ ୧୨ ଗୋଟି ଷ୍ଟଲ ଖୋଲାଯିବା ପାଇଁ ନିଷ୍ପତି ଗ୍ରହଣ କରାଯାଇଛି । ରଥଯାତ୍ରାର ପ୍ରଥମ ଓ ଦ୍ୱିତୀୟ ଦିବସ ଏବଂ ବାହୁଡ଼ା ଯାତ୍ରାର ପ୍ରଥମ ଓ ଦ୍ୱିତୀୟ ଦିବସରେ ସମୁଦାୟ ୪ ଦିନ ପାଇଁ ମଦ ଦୋକାନ ବନ୍ଦ କରିବା ପାଇଁ ନିଷ୍ପତି ଗ୍ରହଣ କରାଯାଇଛି । ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ତଥା ଶ୍ରୀ ଶ୍ରୀ ବଳଦେବଜୀଉ ଦେବତ୍ତ୍ୱର ଟ୍ରଷ୍ଟ ବୋର୍ଡ଼ ଅଧ୍ୟକ୍ଷ ନବକ୍ରିଷ୍ଣ ଜେନା ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ । ପ୍ରସ୍ତୁତି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରାପଡ଼ା ବିଧାୟକ ଶ୍ରୀ ଗଣେଶ୍ୱର ବେହେରା, ମହାକାଳପଡ଼ା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ଼ର ଅଧ୍ୟକ୍ଷ ଡ. ଦୁର୍ଗାପ୍ରସନ୍ନ ନାୟକ, ସାଂସଦଙ୍କ ପ୍ରତିନିଧି ଅମିତାଭ ସୁଆର, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଲିଳିତା ଦାସ, ପୌରପରିଷଦ ଅଧ୍ୟକ୍ଷା ସରିତା ସାହୁ, ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କଟାରିଆ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଅଜାମ୍ବର ମହାନ୍ତି, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ଜ୍ୟୋତିରଞ୍ଜନ ଗୌଡ଼, ଦେବତର ବିଭାଗର ନିର୍ବାହୀ ଅଧିକାରୀ ବଳଭଦ୍ରପତ୍ରୀ, ଟ୍ରଷ୍ଟ ବୋର୍ଡ଼ ସଭ୍ୟ ତଥା ପୂର୍ବତନ ପୌରପରିଷଦ ଅଧ୍ୟକ୍ଷ ଧୀରେନ ସାହୁ ଓ ପଣ୍ଡିତ ହୃଷୀକେଶ ରଥ, ସେବକ ଟ୍ରଷ୍ଟି ନୃସିଂହ ପ୍ରସାଦ ପତ୍ରୀ, ମହାରଣା ସେବକ ସମେତ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ ଓ ଲାଇନ ଡିପାର୍ଟମେଂଟର ଅଧିକାରୀ, ବୁଦ୍ଧିଜୀବି, ସାମ୍ବାଦିକ ପ୍ରମୁଖ ଉପସ୍ଥିତ ରହି ସୁଚିନ୍ତିତ ମତାମତ ଦେଇଥିଲେ ।

## ଫେରାର ଅଭିଯୁକ୍ତ ଗିରଫ

ଜୟପୁର, ୬/୭(ନି/ପ୍ର) : ଫେରାର ଅଭିଯୁକ୍ତ କୁ ଗିରଫ କରିଛି ଜୟପୁର ଟାଉନ ପୋଲିସ । ଗିରଫ ଅଭିଯୁକ୍ତ ଜଣକ ହେଲା ବାପୁଜି ନଗରର ସଞ୍ଜୟ ନାୟକ (୨୨) । ପୋଲିସ ସୁଚନା ଅନୁଯାଇ ୨୦୨୧ ମସିହାରେ ଅଭିଯୁକ୍ତ ସଞ୍ଜୟ ନାୟକ ନାମରେ ଅପରାଧିକ ମାମଲା ରହିଥିଲା । ସେହି ଦିନ ଠାରୁ ସେ ଫେରାର ଥିବା ବେଳେ ଗିରଫ କରି କୋର୍ଟ ଚାଲାଣ କରିଥିବା ବିଷୟ ଜୟପୁର ଟାଉନ ପୋଲିସ ତରଫରୁ ସୁଚନା ଦିଆଯାଇଛି ।

# ଆଦିବାସୀ ଗ୍ରାମରେ ଆଓମା ଗୁରୁକୁଳର ନୂତନ ପ୍ରଶିକ୍ଷଣ କେନ୍ଦ୍ର ଓ କର୍ମେସ ସ୍ମୃତି ଭବନ ଲୋକାର୍ପିତ

ମାଲକାନଗିରି, ୬/୭(ନି/ପ୍ର) : ମାଲକାନଗିରି ଜିଲ୍ଲାରେ ଥିବା ଅଲଓଡ଼ିଶା ମାର୍ଶାଲ ଆର୍ଟ ଏକାଡେମୀ(ଆଓମା ଗୁରୁକୁଳ) ପ୍ରଶିକ୍ଷଣ କେନ୍ଦ୍ର ନୂତନ ଶାଖା ଓ କର୍ମେସ ସ୍ମୃତି ଭବନ ମାଥିଲି ବ୍ଲକ କୁଟୁନି ପାଲ୍ଲୀ ପଂଚାୟତ ଦୁର୍ଗମ କଟିଆଗୁଡ଼ା ଗ୍ରାମରେ ଲୋକାର୍ପିତ ହେବା ସହିତ ବିଭିନ୍ନ ପ୍ରକାର ଔଷଧୀୟ ଚାରାରୋପଣ କରାଯାଇଛି । ଆଓମା ଗୁରୁକୁଳ ସଭାପତି ରତ୍ନାକର ଦାଶଙ୍କ ଅଧ୍ୟକ୍ଷତାରେ କଟିଆଗୁଡ଼ା ଗ୍ରାମରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ମାଥିଲି ବ୍ଲକ ଭାଇସ ଚେୟାରମେନ ଶ୍ରୀମତୀ ଦେବକୀ ଦଳେଇ, ମୁଖ୍ୟବକ୍ତା ଭାବେ କୁଟୁନିପାଲ୍ଲୀ ପଂଚାୟତ ସରପଂଚ ଶ୍ରୀମତୀ କମଳୀ ନାୟକ, ସମ୍ମାନୀତ ଅତିଥିଭାବେ ପଂଚାୟତ ନିର୍ବାହୀ ଅଧିକାରୀ ଇତିଶ୍ରୀ ଜେନା, ୱାର୍ଡ଼ ମେମ୍ବର ନୀଳାବତୀ ନାୟକ, ଗ୍ରାମ ମୁଖିଆ କୃତିବାସ ନାୟକ, ଘେନା ନାୟକ ପ୍ରମୁଖ ଯୋଗଦେଇ ଆଓମା ଗୁରୁକୁଳ ପ୍ରଶିକ୍ଷଣ କେନ୍ଦ୍ର ଓ କର୍ମେସ ଭବନ ଉଦ୍‌ଘାଟନ କରିଥିଲେ । ଆଓମା ଗୁରୁକୁଳ ପ୍ରତିଷ୍ଠାତା ଓ ପରିଚାଳନା ନିର୍ଦ୍ଦେଶକ ବିନାଶ ମିଶ୍ର ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଗ୍ରାମ ନାୟକ ଗୋପୀ ନାୟକ, ଚୈତନ୍ୟ ଚାଲାଣ, କୁମୁଟି ବାରିକ, ହାତୀ ପୂଜାରୀ, ରଘୁନାଥ ଫଟକା, ବାସୁଦେବ କୋପେ, ମନ ପୂଜାରୀ, ନରସିଂହ ବାଗମିୟା, ଗୁରୁନାଥ ବାରିକ, ଗୁରୁ ମାଝୀ, ରାଜୁଗୁଡ଼ିଆ, ସୋମନାଥ ଚାଲାଣ, ଅଭିବାରିକ, ହରି ବଦ୍ଧମ, ବନମାଳୀ ସଗରିଆ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ । ଆଓମା ଗୁରୁକୁଳର ରାମ ମାଡ଼କାମି, ଲକ୍ଷ୍ମୀ ସୋଡି, ନକୁଳ କ୍ରିସାନୀ, ସରିତା ହରିଜନ, ରଶ୍ମି ମାଡ଼କାମି, ସସ୍ମିତା କବାସୀ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ଓ ଆଖପାଖ ଗ୍ରାମର ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ, ଦୁର୍ଗମ କଟିଆଗୁଡ଼ା ଗ୍ରାମରେ ପ୍ରଥମ କରି ଆଓମା ଗୁରୁକୁଳର ପ୍ରଶିକ୍ଷଣ କେନ୍ଦ୍ର ପ୍ରତିଷ୍ଠା ହୋଇଥିବାରୁ କୁଟୁନି ପାଲ୍ଲୀ ପଂଚାୟତବାସୀଙ୍କ ମନରେ ଖୁସିର ଲହରୀ ଖେଳିଯାଇଛି ! ପଣ୍ଡିତ ଫିଂଟୁ ମିଶ୍ର ଘର ପ୍ରତିଷ୍ଠା ପୂଜା ପାଠ ହୋମ ଯଜ୍ଞ କରିଥିବାବେଳେ ସଂସ୍ଥାର ସଭାପତି ଶ୍ରୀ ଦାଶ ଓ ପ୍ରତିଷ୍ଠାତା ଶ୍ରୀ ମିଶ୍ର ପୂଜାରେ ସଙ୍କଳ୍ପ କରିଥିଲେ । ଏହି ଅବସରରେ ଆଓମା ଗୁରୁକୁଳ ଅନ୍ତେବାସୀ ଆତ୍ମରକ୍ଷା କୌଶଳ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରି ଗ୍ରାମବାସୀଙ୍କ ଦ୍ୱାରା ଉଚ୍ଚ ପ୍ରଶଂଶିତ ହୋଇଥିଲେ ।

# ବିଜେପି ସରକାରରେ ଚିକିତ୍ସା ଅବହେଳାରୁ ଚାଲିଗଲା ଅମୂଲ୍ୟ ଜୀବନ : ବିଜେଡି

ଭୁବନେଶ୍ୱର,୬/୭(ନି/ପ୍ର) : ବିଜେପି ସରକାର ଓଡ଼ିଶାବାସୀଙ୍କ ପାଇଁ କାଳ ସାଜିଛି । ଲୋକେ ଉନ୍ନତ ସ୍ୱାସ୍ଥ୍ୟସେବା ପାଇବାରୁ ବଚିଂତ ହେଉଛନ୍ତି । ଯାହାର ଏକ ଜ୍ୱଳନ୍ତ ଚିତ୍ର ଗତକାଲି ସନ୍ଧ୍ୟାରେ ବାରିପଦାରେ ଘଟିଥିବା ଦୁର୍ଘଟଣାରୁ ଦେଖିବାକୁ ମିଳିଛି । ଦୁର୍ଘଟଣାରେ ୨ ଜଣ ମୃତ୍ୟୁବରଣ କରିଥିବା ବେଳେ ୯ ଜଣ ଆହତ ହୋଇଛନ୍ତି । ଆହତଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ସ୍ଥିତ ଏସସିବି ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି । ବାରିପଦା ସ୍ଥିତ ପିଆରଏମ୍ ମେଡିକାଲ କଲେଜ ଓ ହସ୍ପିଟାଲରେ ଚିକିତ୍ସା ଅବହେଳାରୁ ଜଣଙ୍କ ଅମୂଲ୍ୟ ଜୀବନ ହାନୀକୁ ନେଇ ସରକାରଙ୍କୁ କଡ଼ା ସମାଲୋଚନା କରିଛି ବିଜୁ ଜନତା ଦଳ । ଆଜି ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ଼ ଲେନିନ ମହାନ୍ତି ଏକ ପ୍ରେସ ବିବୃତ୍ତିରେ କହିଥିଲେ ଯେ, ବିଜେପି ସରକାରର ତ୍ରୁଟିପୂର୍ଣ୍ଣ କାର୍ଯ୍ୟ ପାଇଁ ସ୍ୱାସ୍ଥ୍ୟସେବା ନ ମିଳିବାରୁ ଏକ ଅମୂଲ୍ୟ ଜୀବନ ଚାଲିଗଲା । ବିଜେଡି ସରକାର ସମୟରେ ବାରିପଦା ସ୍ଥିତ ରଙ୍ଗାମାଟିଆ ଠାରେ ନୂତନ ହସ୍ପିଟାଲ୍ କ୍ୟାମ୍ପସ କାର୍ଯ୍ୟ ଆରମ୍ଭ ହୋଇଥିଲା । ଯାହାକୁ ଗତ ୨୦୨୪ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଉଦ୍ଘାଟନ କରିଥିଲେ । ଗତ ସାଧାରଣ ନିର୍ବାଚନରେ ବିଜେପି କ୍ଷମତାକୁ ଆସିବା ପରେ ଏହାକୁ ସମ୍ପୂର୍ଣ୍ଣ ନ କରି ବନ୍ଦ ରଖିଥିଲା । ଅସମ୍ପୂର୍ଣ୍ଣ ଅବସ୍ଥାରେ ଥିବା ପିଆରଏମ ମେଡିକାଲ କଲେଜ ଓ ହସ୍ପିଟାଲରେ ରଙ୍ଗ ମାରି ଲୋକ ଦେଖାଣିଆ ଭାବେ ୨୦୨୬ରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏହାକୁ ଉଦଘାଟନ କରିଛନ୍ତି । ଡ଼ ମହାନ୍ତି ଆହୁରି କହିଥିଲେ ଯେ, ମେଡିକାଲରେ ଚିକିତ୍ସିତ ହେଉଥିବା ରୋଗୀ ମାନଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ମିଳିପାରୁନାହିଁ । ହସ୍ପିଟାଲରେ ଡାକ୍ତରଙ୍କ ସମେତ ଅନ୍ୟାନ୍ୟ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ଘୋର ଅଭାବ ରହିଛି । ରୋଗ ନିରୂପଣ ଓ ଯାଂଚ ନିମନ୍ତେ ହସ୍ପିଟାଲରେ ସିଟି ସ୍କାନ, ଅଲଟ୍ରା ସାଉଣ୍ଡ ସମେତ ଅନ୍ୟାନ୍ୟ ଦରକାରୀ ମେସିନ ଉପଲବ୍ଧ ନାହିଁ । ରୋଗ ନିରୂପଣ ପାଇଁ ରଙ୍ଗମାଟିଆରୁ ପ୍ରାୟ ୧୫ କିମି ଦୂର ବାରିପଦା ସ୍ଥିତ ଜିଲ୍ଲା ମୁଖ୍ୟ ହସ୍ପିଟାଲକୁ ଯିବାକୁ ପଡୁଛି । ସେହିପରି ରକ୍ତଭଣ୍ଡାର ନଥିବାରୁ ଗୁରୁତର ରୋଗୀ ମାନଙ୍କୁ ରକ୍ତ ପାଇଁ ଜିଲ୍ଲା ମୁଖ୍ୟ ହସ୍ପିଟାଲକୁ ଯିବାକୁ ପଡୁଛି । ଉକ୍ତ ସମସ୍ତ କାର୍ଯ୍ୟ ପାଇଁ ୨ରୁ ୩ ଘଟାଂ ସମୟ ଲାଗୁଥିବାରୁ ଗତକାଲି ଦୁର୍ଘଟଣାରେ ଗୁରୁତର ଆହତ ମାନଙ୍କୁ ସଠିକ୍ ଚିକିତ୍ସା ସୁବିଧା ନ ମିଳିବାରୁ ଜଣଙ୍କ ଜବୀନ ଚାଲିଗଲା । ମେଡିକାଲରେ ସ୍ୱାସ୍ଥ୍ୟସେବା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି । ସେହିପରି ସହରରୁ ଦୂରରେ ହସ୍ପିଟାଲ ଥିବାରୁ ଯୋଗାଯୋଗର କୌଣସି ବ୍ୟବସ୍ଥା ନାହିଁ । ଅହଙ୍କାରୀ ବିଜେପି ସରକାର ଅସମ୍ପୂର୍ଣ୍ଣ ହସ୍ପିଟାଲକୁ ଉଦଘାଟନ କରି ବାହାବା ନେଉଛି । କେବଳ କାନ୍ଥରେ ରଙ୍ଗ ମାରିଦେଲେ ଚିକିତ୍ସା ବ୍ୟବସ୍ଥାରେ ସୁଧାର ଆସିବନି । ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ଡବଲ ଇଞ୍ଜିନ ସରକାର ପଦକ୍ଷେପ ଗ୍ରହଣ କରନ୍ତୁ, ନଚେତ ଆଗକୁ ରାଜ୍ୟବାସୀଙ୍କ ସ୍ୱାର୍ଥ ପାଇଁ ବିଜେଡି ରାଜରାସ୍ତାକୁ ଓହ୍ଲାଇବ ।

ଉତ୍କଳ ସମାଚାର

# ସମ୍ପାଦକୀୟ...

## ମଙ୍ଗଳବାର ୭ ଜୁଲାଇ ୨୦୨୬

## ଜଣେ କଳା ସାହେବଙ୍କ ବିଷୟରେ

ହୀରା ଖାଲି ଐଶ୍ୱର୍ଯ୍ୟର ରତ୍ନ ପଥର ନୁହେଁ। ମୌରସିର ଏକ ଆହ୍ଲାଦ। ପ୍ରଗତିରେ ଲମ୍ବା ଡିଆଁ ପାଇଁ ମଜବୁତ ଆଶ୍ୱାସ। ସେଥିପାଇଁ ନୂଆଦିଲ୍ଲୀରେ ଅନୁଷ୍ଠିତ ସେମିକନ-୨୦୨୫ରେ ଇଲେକ୍ଟ୍ରୋନିକ୍ସ କ୍ଷେତ୍ରରେ ସେମିକଣ୍ଡକ୍ଟରର ନୂଆ ପରିଚିତି ହେଉଛି, ଡିଜିଟାଲ ହୀରା। ଏହି ଆଖ୍ୟାୟିକାରେ ସେମିତି ଆମ ବୁନିୟାଦର ସାଧାରଣ ବା ପ୍ରଶାସନିକ ସେବା; ୧୮୫୫ରୁ ଆରମ୍ଭ ଆଇସିଏସ୍ ଓ ଏବର ଆଇଏଏସ୍ ହୋଇଛି ଆମ ଶାସନ ସଂସାଧନର ହୀରା। ଅବୟବର ବାହ୍ୟ ଚର୍ଯ୍ୟା ବେଳେବେଳେ ଆତ୍ମା ଶୋଧନର ବାଧକ ହେଉଛି, ତା' ଭିନ୍ନ କଥା, ଯେଉଁଥି ପାଇଁ ଦାୟୀ ବ୍ୟବସ୍ଥା ଓ ଆମ ମାନସିକତା। କିନ୍ତୁ ଶାସନ ତନ୍ତ୍ରର ବୈଦୁର୍ଯ୍ୟରେ ମଣ୍ଡିତ ହୋଇଥିବା ଆମ ମାଟିର କେତେ ଜଣ ନିରଳସ ସାଧକଙ୍କ ବିଷୟରେ ସାହିତ୍ୟ ଓ ଇତିହାସ ସୁବିଚାର କରିନାହିଁ। ଯେତେ ଆଲୋଚନା ମୁଖ୍ୟତଃ, ରାଜନେତା, ସଂଗ୍ରାମୀ, ସାହିତ୍ୟିକ, କଳାକାର ଓ କ୍ରୀଡ଼ାବିତ୍ କୈନ୍ଦ୍ରିକ ହୋଇଛି। ଆଇସିଏସ ଅଧିକାରୀଙ୍କ ଭ୍ରମଣ ରାଜକୀୟ ପରିଚ୍ଛଦ ଭୂଷିତ ଘୋଡ଼ା, ଜମାଦାର, ଦାରୋଗା, ପରିଚାରକ ଓ ଟି-ମଡେଲ ଫୋର୍ଡ କାରର ଭୀତି ମିଶ୍ରିତ ଭକ୍ତି ସଂଚାରକାରୀ ଥିଲା। କିନ୍ତୁ ବିପରୀତ ଥିଲେ ବ୍ରିଟିସ ଇଣ୍ଡିଆର ପ୍ରଥମ ଓଡ଼ିଆ ଆଇସିଏସ ନୀଳମଣି ସେନାପତି। ପାଦରେ ଚାଲୁଥିଲେ, ସାଇକେଲ ଗଡ଼ାଉଥିଲେ ଶହ ଶହ କିଲୋମିଟର। ରାସ୍ତା ନ ଥିଲା କି ପୋଲ ନ ଥିଲା। ପୁଣି, ଜନ୍ତୁପୂର୍ଣ୍ଣ ଜଙ୍ଗଲ, ପାହାଡ଼ ଓ ନଦୀନାଳ ଘେରା ପୂର୍ବ-ଭାରତର ଏହି ମାଳ ଓ ସମୁଦ୍ରକୂଳିଆ ଭୂମି। ସାଂପ୍ରତିକ ବିହାର ଅନ୍ତର୍ଗତ ଆରାରେ ଆଇସିଏସ ଶିକ୍ଷାନବୀଶ ଓ ସହକାରୀ କଲେକ୍ଟର। ପରବର୍ତ୍ତୀ ପୋଷ୍ଟିଂ ବକ୍ସାର ଏସଡିଓ। ୧୯୨୨ର ବିହାର। ସାଇକେଲ୍‌ରେ ଯାଇ ଚୌକିଦାରି ଟିକସର କ୍ଷେତ୍ର ତଦନ୍ତ କରିବା ଠାରୁ ଆରମ୍ଭ କରି, ଦୁର୍ବିପାକ ସ୍ଥାନ ପରିଦର୍ଶନ ଓ ପୁଣି ଜମିଜମା ମକଦ୍ଦମାର ଫଏସଲା ପାଇଁ କ୍ୟାମ୍ପ୍। ଘୋଡ଼ାରେ ଅସ୍ଥାୟୀ ଶିବିରର ସାମଗ୍ରୀ। ଜଙ୍ଗଲ ଭିତରେ ତମ୍ବୁ। ଧୁ ଧୁ ଖରାର ଗରମ ଓ ଗଛ ଛାଇରେ ଘଟାଂ ଘଟାଂ ଶୁଣାଣି, ବିବରଣୀ ଲେଖା ଓ ଫଏସଲାର ଆଦେଶ। ସରକାରୀ ପ୍ରଦତ୍ତ, ଲାଇସେନ୍ସପ୍ରାପ୍ତ ବନ୍ଧୁକରେ କୃଷ୍ଣସାର ଓ ବାଗେରୀ ପକ୍ଷୀର ଶିକାର। କଷ୍ଟ ଓ ଆମୋଦର ଫେଟାଂଫେଟିଂ ଆଦ୍ୟ ପ୍ରଶାସକ ଜୀବନ। ୧୮୬୩ରେ ପ୍ରଥମ ଭାରତୀୟ ଆଇସିଏସ ବଙ୍ଗରୁ ବିଶ୍ୱକବି ରବୀନ୍ଦ୍ରନାଥଙ୍କ ଭାଇ ସତ୍ୟେନ୍ଦ୍ରନାଥ। ୧୯୨୨ରେ ଆମ ରାଜ୍ୟରୁ, ବାଲିପାଟଣା ନିକଟବର୍ତ୍ତୀ ଗାରେଡ଼ିପାଟଂଣ ଗାଁରୁ ନୀଳମଣି। ରେନେସାଁର ପ୍ରଭେଦ ଥିଲା ପ୍ରାୟ ଷାଠିଏ ବର୍ଷ। ୫ ବର୍ଷ ବୟସରେ ପରିବାରର ବୟସ୍କମାନଙ୍କ ସାଙ୍ଗରେ ବଳଦଗାଡ଼ିରେ ଶିଶୁ ନୀଳମଣିଙ୍କ କୋଣାର୍କ ଚନ୍ଦ୍ରଭାଗା ବୁଡ଼ ପାଇଁ ଯାତ୍ରା। ୧୯୦୩ ଫେବ୍ରୁଆରି ମାସ। ଆଉ ଗୋଟିଏ ଗାଡ଼ିର ବୟସ୍କମାନଙ୍କୁ ଚାନ୍ଦୁରେ ଥିବା ନୀଳମଣିଙ୍କୁ ଦେଖେଇ ଦିଆଗଲା। ତାଙ୍କ ମଧ୍ୟରେ ଗୋଟିଏ ନାକ କାନ୍ଦୁରୀ ଶିଶୁ ଝିଅଟିଏ ଥିଲା। ଟୁପୁରାଟୁପୁରି ଚାଲିଲା-ଯୋଡ଼ିଟି ଭଲ ହେବ। ଝିଅଟି ଡରି ଓହ୍ଲାଇଲା ନାହିଁ। କାନ୍ଦ କାନ୍ଦରେ ଛୋଟିଆ ପରିବେଶଟି ଫାଟି ପଡ଼ିଲା। ବଡ଼ମାନେ ପ୍ରକୃତିସ୍ଥ ହେଲେ, ଭାବିଲେ ବିଧିର ବିଧାନ ଅନ୍ୟ କିଛି। କୁସଂସ୍କାରର ପ୍ରଥାଟି ଆପେ ଆପେ ଲେଉଟାଣି ମୋଡ଼ ନେଲା। ନୀଳମଣି ତ ଓଡ଼ିଶାର ମଣି ହେବେ ! ସେଇଠି ତାଙ୍କ ଜୀବନର ଥୁକୁଲୁ ପଡ଼ିଥାଆନ୍ତା କିଭଳି ? ତେବେ, ରକ୍ଷଣଶୀଳତା ଓ ସାଧନର ବେଶ କିଛି ଉପଲବ୍ଧି ନ ଥିବା ଏଭଳି ଏକ ପରିବେଶରୁ ରେଭେନ୍ସା ମହାବିଦ୍ୟାଳୟ, କେମ୍ବ୍ରିଜ, ଭାରତ ଓ ଆଟଲାଣ୍ଟିକ ମହାସାଗରରେ ସୁଭାଷ ବୋଷଙ୍କ ସହ ଜଳଯାତ୍ରା, କେମ୍ବ୍ରିଜ୍‌ରେ ପାଠ, ବିଲାତରେ ଆଇସିଏସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ଏବଂ ୧୯୨୨ ଜାନୁଆରି ୪ରେ ବମ୍ବେରେ ପୁଣି ପ୍ରତ୍ୟାବର୍ତ୍ତନର ପାଦ- ଉତ୍କଣ୍ଠାପୂର୍ଣ୍ଣ ଯେତିକି, ଆଜିର କିଶୋର-କିଶୋରୀ ଓଡ଼ିଆଙ୍କ ପାଇଁ ପ୍ରେରଣାଦାୟୀ ସେତିକି। ନୀଳମଣି ସାହେବୀ ବୃତିରେ ଯୋଗ ଦେବା ପୂର୍ବରୁ ଗାଁକୁ ୧୨ ଦିନର ବିରତି କାଟିବା ପାଇଁ ଫେରିଥିଲେ 'ନୀଳକାନ୍ତ ମଣି' ହୋଇ। ହୁଏତ ଚନ୍ଦ୍ରଭାଗା ବୁଡ଼ର ସେହି ଘଟଣା ବାଳୁତ ମନରେ କିଛି ରେଖାପାତ କରିଥିଲା। କକେଇଙ୍କ ପାଖରେ ବାରିପଦାର ସ୍କୁଲ ଶିକ୍ଷା ସମୟରେ ନିଜର ଆଦର୍ଶବାଦୀ ଶିକ୍ଷକଙ୍କ ଦ୍ୱାରା ପ୍ରଭାବିତ ହୋଇ ନିକଟବର୍ତ୍ତୀ ବରୁଣେଇ ପାଟ ଶିବ ମନ୍ଦିରରେ ବିଧବା ବିବାହ କରିବାର ଶପଥ ନେଇଗଲେ। ଈଶ୍ୱର ଚନ୍ଦ୍ର ବିଦ୍ୟାସାଗରଙ୍କ ଜୀବନୀ ପାଠ କରି ତାଙ୍କରି ଚେତନାରେ ଉଦ୍‌ବୁଦ୍ଧ ହୋଇଥିଲେ। ଘଟଣାଚକ୍ରରେ ଜଣେ ବିଧବାଙ୍କର ହାତ ଧରିଥିଲେ। ସ୍କୁଲ ପରିଦର୍ଶିକା ଇନ୍ଦୁମତୀ ଦତ୍ତ; ପରିବାର ହଜାରିବାଗବାସୀ। ପାଟନାରେ ଏକ ସାମାଜିକ କାର୍ଯ୍ୟକ୍ରମରୁ ଦେଖା। ନୀଳମଣିଙ୍କ ରୁଚିର ପରିଧି ବ୍ୟାପକ ଥିଲା। ଭଲ ଶିକାରୀ ଥିଲେ; ଚାକିରି ଅବଧିରେ ପାଖାପାଖି ଶହେ ରାତି ଜଙ୍ଗଲରେ ମଚାଂ ଉପରେ କାଟିଛନ୍ତି। ବାଘକୁ ସାମନାରେ ଦେଖିଛନ୍ତି ତ ପୁଣି ଭାର ବାଉଁଶରେ ବିଷାକ୍ତ ଲମ୍ବା ସାପକୁ ଛୁରୀରେ ଦିଗଡ଼ କରିଛନ୍ତି। ସେତେବେଳେ ଅନୁମତି ଥିଲା। ପଚାଶ ପାଖାପାଖି ବାଘ ମାରିଥିବେ। ନୀଳମଣିଙ୍କ କାର୍ଯ୍ୟର ଦୁଇଟି ଛୋଟ ଦୃଷ୍ଟାନ୍ତ ରହିଛି। ବକ୍ସାରରେ ଏକ ଦୁର୍ଗ ଥିଲା ଏସଡିଓଙ୍କ ବାସଗୃହ। ଚାରିପଟେ ଶୁଷ୍କ ଗଡ଼ଖାଇ। ଟେନିସ କୋର୍ଟରେ ସହଧର୍ମିଣୀଙ୍କ ପ୍ରତ୍ୟକ୍ଷ ପରିଚାଳନାରେ ଏକ ନାଟକ ସନ୍ଧ୍ୟା ହେଲା। ଷ୍ଟିମ ଇଞ୍ଜିନ ସାହାଯ୍ୟରେ ବିଜୁଳି ବାହାର କରି ରଙ୍ଗମଚଂକୁ ଆଲୋକିତ କରାଗଲା। ଯାତ୍ରା ଅପେକ୍ଷା ଲୋକେ ବିଦ୍ୟୁତ୍ ଆଲୋକ ଦେଖିଲେ। ସଂଗୃହୀତ ତିନିଶ ଟଙ୍କା ନୂଆ କରି ଆରମ୍ଭ ହୋଇଥିବା ବାଳିକା ପ୍ରାଥମିକ ବିଦ୍ୟାଳୟକୁ ଗଲା। ପୁରୀ ଜିଲ୍ଲାପାଳ ଦାୟିତ୍ୱର ସମୟ। କୋଣାର୍କ ମନ୍ଦିର ପଥର କାନ୍ଥର ଖୋଦେଇରୁ ଇଟେଂ ବହଳର ଶିଉଳିକୁ କାଢ଼ି ସ୍ୱେଚ୍ଛାରେ ଜିଲ୍ଲାପାଳ ଉଦ୍ଭିଦ ବିଜ୍ଞାନର ଅଧ୍ୟାପକ ବନ୍ଧୁ ପ୍ରାଣକୃଷ୍ଣ ପରିଜାଙ୍କ ନିକଟକୁ ପଠେଇଥିଲେ। ଅଣୁବୀକ୍ଷଣ ଯନ୍ତ୍ରରେ ୩୫୭ଟି ସ୍ତରର ପର୍ଯ୍ୟବେକ୍ଷଣ ହେଲା। ସିଦ୍ଧାନ୍ତ ହେଲା, ବର୍ଷକୁ ଗୋଟିଏ ସ୍ତର ହିସାବରେ ଶିଉଳିର ବୟସ ୩୫୭ ବର୍ଷ; ଆକଳନ କରାଗଲା ଯେ ୧୫୭୩ ମସିହା ଠାରୁ ମନ୍ଦିର ପରିତ୍ୟକ୍ତ ହୋଇ ରହିଛି। ସାଧାରଣତଃ ପ୍ରାଦେଶିକ ସେବା କିମ୍ବା ବନ୍ଦୋବସ୍ତ/ଚକବନ୍ଦୀ ଅଧିକାରୀମାନଙ୍କର ଜମିଜମା ଓ ମ୍ୟାପ ପ୍ରସ୍ତୁତି କାର୍ଯ୍ୟରେ ପାରଦର୍ଶିତା ରହିଥାଏ। କିନ୍ତୁ ଆଇସିଏସ୍ ? ନୀଳମଣି ସେନାପତି ଏହାକୁ ଭୁଲ୍ ବୋଲି ପ୍ରମାଣ କଲେ। ସହକର୍ମୀମାନଙ୍କ ନାକଟେକା ସତ୍ତ୍ୱେ ଡେପୁଟି, ସବ୍-ଡେପୁଟି ଏବଂ ମୁନ୍ସିଫ୍‌ମାନଙ୍କ ସହିତ ପ୍ରଶିକ୍ଷଣ ପରବର୍ତ୍ତୀ ପରୀକ୍ଷା ଦେଲେ ଓ ମେଧା ତାଲିକାରେ ଏକ ନମ୍ବର ହେଲେ। ବନ୍ଦୋବସ୍ତର ମଞ୍ଜକୁ ନୀଳମଣି ସେନାପତି ଚାକିରିର ଅତି ଆରମ୍ଭରୁ ସାବଲୀଳ ଭାବରେ ବୁଝି ଯାଇଥିଲେ।

# ଦଶାହାରୀ ଦର୍ଶନ

ବିଶେଷ କରି ଚିନ୍ତାଶକ୍ତି ଧାରଣକାରୀ 'ଏଆଇ'ର ଆଗମନ ପରେ 'ଏଆଇ' ମଡେଲମାନଙ୍କ ?ର ଆଚରଣକୁ ଅଧିକ ନୀତିବାନ, ଦାୟିତ୍ୱସଂପନ୍ନ ଏବଂ ନିରାପଦ କରିବାକୁ ମଡେଲ ନିର୍ମାଣରେ ଏବେ ଅଧିକରୁ ଅଧିକ ଦର୍ଶନଶାସ୍ତ୍ରର ଛାତ୍ରଛାତ୍ରୀମାନଙ୍କୁ ସଂପୃକ୍ତ କରାଯିବା ଏକ ନିୟମିତ ଧାରାରେ ପରିଣତ ହେଲାଣି। ସେମାନେ 'ଏଆଇ' ମଡେଲମାନଙ୍କୁ ନୀତିବାନ, ଦାୟିତ୍ୱସଂପନ୍ନ ଆଚରଣ ପ୍ରଦର୍ଶନ କରିବାକୁ ତାଲିମ ଦେଉଛନ୍ତି। ପୃଥିବୀର ଅଗ୍ରଣୀ ସୋସିଆଲ୍ ମିଡିଆ ଓ ଟେକ୍ ?ନୋଲୋଜି କଂପାନି 'ମେଟା' ତା'ର ପ୍ରମୁଖ ଶାଖା କଂପାନି 'ହ୍ୱାଟ୍‌ସଆପ୍'ର 'ଗ୍ଲୋବାଲ୍ ସିଇଓ' ପଦରେ ସଦ୍ୟ ସଦ୍ୟ ଜଣେ ଭାରତୀୟଙ୍କୁ ନିଯୁକ୍ତ କରିଛି। ଏଇ ଖବର କାହାରିକୁ ହେଲେ ତିଳେମାତ୍ର ଆଶ୍ଚର୍ଯ୍ୟାନ୍ୱିତ କରିବା କଥା ନୁହେଁ, କାରଣ ପୃଥିବୀର ଓ ବିଶେଷ କରି ଆମେରିକାର ଅଧିକାଂଶ ବୃହତ୍ ଟେକ୍‌ନୋଲୋଜି କଂପାନିମାନଙ୍କର 'ସିଇଓ' ହେଉଛନ୍ତି ଭାରତୀୟ ମୂଳର। ରହସ୍ୟରେ କୁହାଯାଇଥାଏ ଭାରତର ମୁଖ୍ୟ ରପ୍ତାନି ଦ୍ରବ୍ୟ ହେଉଛି- 'ସିଇଓ'। କିନ୍ତୁ ଏଥିସତ୍ତ୍ୱେ 'ହ୍ୱାଟ୍‌ସଆପ୍' ପରି ବିଶ୍ୱବ୍ୟାପୀ କାୟା ବିସ୍ତାର କରିଥିବା ଏକ ବିଶାଳ ତଥା ଅପରିହାର୍ଯ୍ୟ ସେବା ପ୍ରଦାନକାରୀ ଟେକ୍‌ନୋଲୋଜି କଂପାନିର ମୁଖ୍ୟ ରୂପେ ୪୩ ବର୍ଷୀୟ କୁନାଲ ଶାହଙ୍କର ନିଯୁକ୍ତି କେବଳ ସଂପୃକ୍ତ ପରିସରରେ ନୁହେଁ, ବୃହନ୍ତର ସମାଜର ପର୍ଯ୍ୟବେକ୍ଷକମାନଙ୍କ ମଧ୍ୟରେ ଏକ ଆଶ୍ଚର୍ଯ୍ୟମିଶ୍ରିତ ଗୁଞ୍ଜରଣ ସୃଷ୍ଟି କରିବା ଦେଖାଯାଇଛି। ଏହାର କାରଣ କୁନାଲ ଶାହଙ୍କର ବୟସ ବା ଜାତୀୟତା ନୁହେଁ, ଏହାର କାରଣ ହେଉଛି ତାଙ୍କର ଶିକ୍ଷାଗତ ତାଲିମ ବା ଉପଲବ୍ଧି। ଆମର ବଦ୍ଧମୂଳ ଧାରଣା ଅନୁସାରେ କମ୍ପ୍ୟୁଟରରୁ 'ଏଆଇ' ପର୍ଯ୍ୟନ୍ତ ସମସ୍ତ ଟେକ୍‌ନୋଲୋଜି କଂପାନିମାନଙ୍କୁ ନେତୃତ୍ୱ ପ୍ରଦାନ କରିବା ପାଇଁ ଇଞ୍ଜିନିଅରିଙ୍ଗ୍‌ରେ ଜ୍ଞାନ ଅପରିହାର୍ଯ୍ୟ ହୋଇଥାଏ- ସତ୍ୟ ନାଡେଲା, ସୁନ୍ଦର ପିଚାଇରୁ ଶାନ୍ତନୁ ନାରାୟଣ ପର୍ଯ୍ୟନ୍ତଙ୍କର ଥିବା ଭଳି। କିନ୍ତୁ କୁନାଲ ଶାହ ମୁମ୍ବାଇର ୱିଲ୍‌ସନ୍ କଲେଜରୁ ଯେଉଁ ବିଷୟରେ ସ୍ନାତକ ଡିଗ୍ରି ହାସଲ କରିଛନ୍ତି ତାହା ହେଉଛି ଅବିଶ୍ୱାସ୍ୟ ମନେ ହେଉଥିବା- ଦର୍ଶନଶାସ୍ତ୍ର। ଅବିଶ୍ୱାସ୍ୟ ଏଇଥିପାଇଁ ଯେ ପୃଥିବୀରେ ବିଜ୍ଞାନ ଓ ପ୍ରବିଧି ('ସାଇନ୍ସ ଆଣ୍ଡ ଟେକ୍‌ନୋଲୋଜି')ର ଜୟଯାତ୍ରା ଆରମ୍ଭ ହୋଇଯିବା ପରେ ବିଗତ ଦଶନ୍ଧିମାନଙ୍କରେ ନିଯୁକ୍ତିସନ୍ଧାନୀ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସାଇନ୍ସ ଓ ଇଞ୍ଜିନିଅରିଙ୍ଗ୍ ପ୍ରତି ଆଦର ବୃଦ୍ଧି ପାଇବା ସହିତ ଦର୍ଶନଶାସ୍ତ୍ର ଓ ଇତିହାସ ଭଳି ବିଷୟମାନ ଆଲୋଡ଼ା ହୋଇପଡ଼ି ଚାଲିବା ଦେଖାଯାଇଛି। ଅନେକ କଲେଜ ଓ ବିଶ୍ୱବିଦ୍ୟାଳୟରେ ଏଥିଯୋଗୁଁ ଦର୍ଶନଶାସ୍ତ୍ର ବିଭାଗମାନ ଛାତ୍ରଛାତ୍ରୀଶୂନ୍ୟ ହୋଇ ପଡ଼ିଥିବା ବେଳେ, କେଉଁଠି କେଉଁଠି ଏଇ ବିଭାଗକୁ ମଧ୍ୟ ପୂରାପୂରି ବନ୍ଦ କରି ଦିଆଯାଇଛି। ଆନ୍ତର୍ଜାତିକ ସ୍ତରରେ ଏହାର ଏକ ପ୍ରମୁଖ ଉଦାହରଣ ସ୍ୱରୂପ ଟେକ୍‌ନୋଲୋଜି କ୍ଷେତ୍ରରେ ସର୍ବଦା ଚମତ୍କାରିତା ପ୍ରଦର୍ଶନ ପାଇଁ ପ୍ରସିଦ୍ଧ ଜାପାନରେ ସେ ଦେଶର ଶିକ୍ଷାମନ୍ତ୍ରୀ ୨୦୧୫ରେ ଦର୍ଶନଶାସ୍ତ୍ର ଭଳି କଳା ଶାଖାର ସମସ୍ତ ବିଷୟରେ ଶିକ୍ଷାଦାନ ବନ୍ଦ କରିଦେବା ନିମନ୍ତେ ପଦକ୍ଷେପ ନେବା ଲାଗି ସମସ୍ତ ବିଶ୍ୱବିଦ୍ୟାଳୟମାନଙ୍କୁ ନିର୍ଦ୍ଦେଶ ଦେବା ଉଚିତ ମନେ କରିଥିଲେ। ଏହାର ବହୁ ପୂର୍ବରୁ ୧୯୮୦ ଦଶକରେ ବ୍ରିଟେନ୍‌ରେ 'ଆଇରନ୍ ଲେଡି' ମାର୍ଗାରେଟ୍ ଥାଚର୍ (ସେ ଥିଲେ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ରସାୟନବିଜ୍ଞାନ ଛାତ୍ରୀ)ଙ୍କର ପ୍ରଧାନମନ୍ତ୍ରିତ୍ୱ ସମୟରେ ସେଠାରେ ଗୋଟିକ ପରେ ଗୋଟିଏ କଲେଜରେ ଦର୍ଶନଶାସ୍ତ୍ର ବିଭାଗ ବନ୍ଦ ହେବାକୁ ଆରମ୍ଭ କରିଥିଲେ। ନିଜର ଦୈନନ୍ଦିନ ଜୀବନକୁ ସହଜ, ସୁଗମ ଓ ଉପଭୋଗ୍ୟ କରିବା ପାଇଁ ଆତୁର ମନୁଷ୍ୟ ପାଇଁ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ଉପଯୋଗିତା ଓ ଆଦରରେ ଘଟି ଚାଲିଥିବା ଦ୍ରୁତ ବୃଦ୍ଧି ସହିତ ତାଳଦେଇ ଦର୍ଶନଶାସ୍ତ୍ର ପରି ଅସ୍ତିତ୍ୱ, ବାସ୍ତବତା ଓ ନୈତିକତା ଆଦିର ମୌଳିକ ଚରିତ୍ରର ଅନୁସନ୍ଧାନରେ ବ୍ୟାପୃତ ଏକ ଅଣ-ଭୌତିକ ଶାସ୍ତ୍ର ଅନୁରୂପ ବେଗରେ ତା'ର ଗୁରୁତ୍ୱ ହରାଇ ଚାଲିଥିଲା। ଦର୍ଶନଶାସ୍ତ୍ର ପ୍ରତି ବସ୍ତୁବାଦୀ ମନୁଷ୍ୟ ପ୍ରଦର୍ଶନ କରୁଥିବା ଏଭଳି ହେୟଜ୍ଞାନ ବହନ କରୁଥିବା ଅନ୍ତର୍ନିହିତ ବିପଦ ଦ୍ୱାରା ଆତଙ୍କିତ ଓ ଚିନ୍ତିତ ହୋଇ ପ୍ରସିଦ୍ଧ ବ୍ରିଟିଶ୍ ନୀତିଶାସ୍ତ୍ରବିତ୍ ଦାର୍ଶନିକା ମେରୀ ମିଜ୍‌ଲୀ ୨୦୧୮ରେ ୯୯ ବର୍ଷ ବୟସରେ ତାଙ୍କର ପରଲୋକ ଗମନର ଅବ୍ୟବହିତ ପୂର୍ବରୁ ପ୍ରକାଶିତ ତାଙ୍କର ସର୍ବଶେଷ ପୁସ୍ତକ, 'ହ୍ୱାଟ୍ ଇଜ୍ ଫିଲସଫି ଫର' ('ଦର୍ଶନଶାସ୍ତ୍ର କ'ଣ ପାଇଁ')ରେ ମନୁଷ୍ୟ ଜାତି ତା'ର ଭବିଷ୍ୟତକୁ ଟେକ୍‌ନୋଲୋଜି ଓ 'ଏଆଇ' ହାତରେ ସମର୍ପଣ କରିଦେବାର ମାନସିକତାକୁ ଏକ ଆରାମପ୍ରଦ ନିଶ୍ଚେତକ ରୂପେ ବର୍ଣ୍ଣନା କରିଥିଲେ। ଯେତେବେଳେ ଯୁଦ୍ଧ, ଜଳବାୟୁ, ପରିବେଶ, ଶିକ୍ଷା, କିମ୍ବା ଲିଙ୍ଗ-ନ୍ୟାୟ ଆଦି କ୍ଷେତ୍ରରେ ଆମର ଭବିଷ୍ୟତ ଗତିପଥ ନିରୂପଣର ଦାୟିତ୍ୱ ଆମେ ଏହାରି ଉପରେ ସଂପୂର୍ଣ୍ଣ ରୂ ?ପ ନ୍ୟସ୍ତ କରିଦେବା, ତାହା ଆମ ପାଇଁ ଶେଷରେ ଆତ୍ମହତ୍ୟା ସଦୃଶ ହେବ ବୋଲି ମିଜ୍‌ଲୀ ଆମକୁ ଚେତାଇ ଦେଇଥିଲେ। ଏଠାରେ ସ୍ଥାନାଭାବ ସତ୍ତ୍ୱେ ମନୁଷ୍ୟରେ ଏଇ ସମ୍ଭାବ୍ୟ ଦଶାକୁ ପ୍ରତିହତ କରିବାରେ ଦର୍ଶନଶାସ୍ତ୍ରର ଗୁରୁତ୍ୱପୂର୍ଣ୍ଣ ଦଶା ହରଣକାରୀ ଭୂମିକା ସଂପର୍କରେ ତାଙ୍କ ପୁସ୍ତକର ଅନ୍ତିମ ଅନୁଚ୍ଛେଦରେ ମିଜ୍‌ଲୀ ଲିପିବଦ୍ଧ କରିଥିବା ନିଜର ବିଚାର ନିମ୍ନରେ ଉଦ୍ଧାର କରିବା ଯଥାର୍ଥ ହେବ ବୋଲି ଆମେ ଅନୁଭବ କରୁଛୁ। ''ଆମର କ'ଣ ଘଟିବ, ତାହା ନିଶ୍ଚିତ ରୂପେ ମନୁଷ୍ୟର ପସନ୍ଦ ଉପରେ ନିର୍ଭର କରିବ। ସବୁଠାରୁ ଚମକପ୍ରଦ ମେସିନ୍ ମଧ୍ୟ ତାକୁ ପ୍ରୋଗ୍ରାମିଙ୍ଗ୍ କରୁଥିବା ମନୁଷ୍ୟ ଠାରୁ ଅଧିକ ଉନ୍ନତ ପସନ୍ଦ ପ୍ରଦର୍ଶନ କରିପାରିବ ନାହିଁ। ତେଣୁ ନିଃସନ୍ଦେହରେ ଏଠାରେ ଆମେ ଏ ଦାୟିତ୍ୱ ସଂପାଦନ ଭାର ମେସିନ୍ ପରି ଏକ ପଦାର୍ଥ (ମାଟର୍) ଉପରେ ନ୍ୟସ୍ତ ନ କରି ନିଜର ମସ୍ତିଷ୍କ (ମାଇଣ୍ଡ) ଉପରେ ନିର୍ଭର କରିବା ଆମ ପାଇଁ ଅଧିକ ନିରାପଦ ହେବ। ଏଇ କାରଣରୁ ମୁଁ ବିଶ୍ୱାସ କରୁଛି ଏଣିକି ଦାର୍ଶନିକ ବିଚାରବିମର୍ଶ ଅଧିକରୁ ଅଧିକ ଗୁରୁତ୍ୱ ବହନ କରିବା ଅବଶ୍ୟମ୍ଭାବୀ। ଏଇ ସମସ୍ତ କଠିନ ବିଷୟମାନଙ୍କ ସମ୍ବନ୍ଧରେ ଆମର ଚିନ୍ତନ କିଭଳି ସର୍ବୋତ୍ତମ ହେବ, ଆମକୁ ସେ ସମ୍ବନ୍ଧରେ ଚିନ୍ତା କରିବାକୁ ହେବ- ତାହାର କିଭଳି ପରିକଳ୍ପନା କରିବା, ତାହାର ଭବିଷ୍ୟତର ରୂପରେଖ କିପରି ଅଙ୍କନ କରିବା, ତାହାକୁ ଏକ ବିଶ୍ୱ-ଚିତ୍ରରେ କିପରି ଖାପ ଖୁଆଇବା। ଆଉ ଆମେ ଯଦି ନିଜ ପାଇଁ ଏହା ନ କରିବା, ମୁଁ ଦେଖି ପାରୁନାହିଁ ଆଉ କିଏ ଆମ ପାଇଁ ଏହା କରିବାକୁ ସମର୍ଥ ହେବ।'' କୁନାଲ ଶାହଙ୍କର ନିଯୁକ୍ତି ଆମକୁ ପ୍ରଚଳିତ ଧାରାର ଏକ ବ୍ୟତିକ୍ରମ ଭଳି ପ୍ରତୀୟମାନ ହେଉଥିଲେ ହେଁ, ଏହା ହେଉଛି ମିଜ୍‌ଲୀଙ୍କର ସେଇ ବିଶ୍ୱାସ ସତ୍ୟ ସାବ୍ୟସ୍ତ ହେବାର ଏକ ତାଜା ତଥା ଅତୀବ ଦୃଶ୍ୟମାନ ଉଦାହରଣ। ଏହା ହେଉଛି ଅତୀତରେ ବର୍ଟ୍ରାଣ୍ଡ ରସେଲ୍ ଓ ଲୁଡୱିଗ୍ ୱିଟ୍ ?ଗେନ୍ ?ଷ୍ଟାଇନ୍ ?ଙ୍କ ମଧ୍ୟରେ ଘଟିଥିବା କିଂବଦନ୍ତିରେ ପରିଣତ ହୋଇଥିବା ଘଟଣାର ଠିକ୍ ବିପରୀତ ଭଳି। ବିଚକ୍ଷଣ ଯୁବ ଅଷ୍ଟ୍ରୀୟ ଇଞ୍ଜିନିଅର୍ ୱିଟ୍‌ଗେନ୍‌ଷ୍ଟାଇନ୍ ଜଣେ ଦାର୍ଶନିକ ହେବା ପାଇଁ ମନ ବଳାଇ ୧୯୧୧ରେ ଦିନେ ହଠାତ୍ ଆସି କେମ୍ବ୍ରିଜରେ ମହାନ ବ୍ରିଟିଶ୍ ଦାର୍ଶନିକ ବର୍ଟ୍ରାଣ୍ଡ ରସେଲ୍‌ଙ୍କ ସମ୍ମୁଖରେ ଉପସ୍ଥିତ ହେଲେ। ୱିଟ୍‌ଗେନ୍‌ଷ୍ଟାଇନ୍‌ଙ୍କ ତୀକ୍ଷ୍ଣ ବୁଦ୍ଧିମତ୍ତା ଦ୍ୱାରା ତତ୍ ?କ୍ଷଣାତ୍ ପ୍ରଭାବିତ ହୋଇ ରସେଲ୍ ତାଙ୍କୁ ଆଗ୍ରହ ସହକାରେ ନିଜର ଶିଷ୍ୟ ରୂପେ ଗ୍ରହଣ କଲେ। ପରବର୍ତ୍ତୀ ସମୟରେ ୱିଟ୍‌ଗେନ୍‌ଷ୍ଟାଇନ୍‌ଙ୍କର ଅବଦାନ ଆଧୁନିକ ଦର୍ଶନଶାସ୍ତ୍ରକୁ ଯେଉଁଭଳି ଋଦ୍ଧିମନ୍ତ କରିଥିଲା, ତାହା ଅତୁଳନୀୟ। ଏବେ 'ମେଟା'ର ମାଲିକ ମାର୍କ ଜୁକରବର୍ଗ ସେଇ ଚିତ୍ରକୁ ଓଲଟାଇ ଦେଇ ତାଙ୍କର ଟେକ୍ ?ନୋଲୋଜି ସାମ୍ରାଜ୍ୟର ନେତୃତ୍ୱ ପ୍ରଦାନ କରିଛନ୍ତି ଜଣେ ଯୁବ ଦାର୍ଶନିକ କୁନାଲ ଶାହଙ୍କୁ। ଆଶା କରାଯାଇପାରେ, ଇଞ୍ଜିନିଅର୍ ୱିଟ୍‌ଗେନ୍‌ଷ୍ଟାଇନ୍‌ଙ୍କର ପ୍ରବେଶ ଯୋଗୁଁ ଦର୍ଶନଶାସ୍ତ୍ର ଲାଭବାନ ହେବା ଭଳି ଦାର୍ଶନିକ ଶାହଙ୍କ ପ୍ରବେଶ ଯୋଗୁଁ ଟେକ୍‌ନୋଲୋଜି କମ୍ପାନି 'ହ୍ୱାଟ୍‌ସଆପ୍' ଅନୁରୂପ ଭାବରେ ଲାଭବାନ ହେବ। ତେବେ ଟେକ୍‌ନୋଲୋଜି ଜଗତରେ ପ୍ରବେଶ କରିବାରେ କୁନାଲ ଶାହ ସର୍ବପ୍ରଥମ ଦାର୍ଶନିକ ନୁହନ୍ତି। ବିଶେଷ କରି ଚିନ୍ତାଶକ୍ତି ଧାରଣକାରୀ 'ଏଆଇ'ର ଆଗମନ ପରେ 'ଏଆଇ' ମଡେଲମାନଙ୍କର ଆଚରଣକୁ ଅଧିକ ନୀତିବାନ, ଦାୟିତ୍ୱସଂପନ୍ନ ଏବଂ ନିରାପଦ କରିବାକୁ ମଡେଲ ନିର୍ମାଣରେ ଏବେ ଅଧିକରୁ ଅଧିକ ଦର୍ଶନଶାସ୍ତ୍ରର ଛାତ୍ରଛାତ୍ରୀମାନଙ୍କୁ ସଂପୃକ୍ତ କରାଯିବା ଏକ ନିୟମିତ ଧାରାରେ ପରିଣତ ହେଲାଣି। ସେମାନେ 'ଏଆଇ' ମଡେଲମାନଙ୍କୁ ନୀତିବାନ, ଦାୟିତ୍ୱସଂପନ୍ନ ଆଚରଣ ପ୍ରଦର୍ଶନ କରିବାକୁ ତାଲିମ ଦେଉଛନ୍ତି। ଏହାର ଏକ ପ୍ରମାଣ ସ୍ୱରୂପ ଏକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ଆମେରିକାରେ ବର୍ତ୍ତମାନ କମ୍ପ୍ୟୁଟର୍ ସାଇନ୍ ?ସ ସ୍ନାତକମାନଙ୍କ ଅପେକ୍ଷା ଦର୍ଶନଶାସ୍ତ୍ର ସ୍ନାତକମାନଙ୍କର ନିଯୁକ୍ତି ଲାଭ କରିବାର ସମ୍ଭାବନା ହେଉଛି ବେଶ୍ ଅଧିକ। ସେମାନେ ସାଧାରଣତଃ ସର୍ବଦା ଅଣ-ଭୌତିକ ଚିନ୍ତନରେ ନିମଗ୍ନ ଥିଲେ ମଧ୍ୟ ଦର୍ଶନଶାସ୍ତ୍ରର ଛାତ୍ରଛାତ୍ରୀମାନଙ୍କ କାନରେ ଏଇ ସୂଚନା ନିଶ୍ଚିତ ରୂପେ ଏକ ମଧୁର ସଂଗୀତ ସୃଷ୍ଟି କରୁଥିବ।

# ଗୁରୁ ଦ୍ରୋଣ :ଏକ ଭିନ୍ନ ଦୃଷ୍ଟି



ଦ୍ରୋଣାଚାର୍ଯ୍ୟ ଜଣେ ବିଦ୍ୱାନ୍ ଓ ଆଦର୍ଶ ଶିକ୍ଷକ, ମାତ୍ର ସେ ମଧ୍ୟ ପ୍ରକୃତି ନିହିତ ତରଙ୍ଗରେ ପ୍ରଭାବିତ ହେଉଥିବା ଜଣେ ସାଧାରଣ ମଣିଷ । ସେ ମଧ୍ୟ ଉଭୟ ସୁଗୁଣ ଓ ଦୁର୍ଗୁଣର ଏକ ସମନ୍ୱୟ । ଆମକୁ ସ୍ୱୀକାର କରିବାକୁ ହେବ ଯେ, ସର୍ବଶ୍ରେଷ୍ଠତା ବା ଦୋଷଶୂନ୍ୟତା ସର୍ବଦା ଅପହଚଂ ଅଟେ । ପ୍ରାଚୀନ ଗୁରୁ ଶିଷ୍ୟ ପରମ୍ପରା କଥା ସ୍ମରଣ କଲେ ମନେପଡ଼ିଯାଏ ଗୁରୁ ଦ୍ରୋଣାଚାର୍ଯ୍ୟଙ୍କ କଥା । ସାଂପ୍ରତିକ ସମୟର ଭାଷାରେ ସେ ଥିଲେ ଜଣେ ଘରୋଇ ଶିକ୍ଷକ । ସେ ଜଣେ ସୁଦକ୍ଷ ଧନୁର୍ବିଦ୍ୟାବିତ୍ ହୋଇଥିବା ଜାଣି ଭୀଷ୍ମ ତାଙ୍କୁ ହସ୍ତୀନା ନରେଶ ଧୃତରାଷ୍ଟ୍ରଙ୍କ ପୁତ୍ର ଓ ପାଣ୍ଡୁଙ୍କ ପୁତ୍ରମାନଙ୍କୁ ଶିକ୍ଷା ଦେବାପାଇଁ ଘରୋଇ ଶିକ୍ଷକ ଭାବରେ ନିଯୁକ୍ତି ଦେଇଥିଲେ । ସାଧାରଣତଃ ସରକାରୀ ଶିକ୍ଷକଙ୍କ ଦକ୍ଷତାରେ ସନ୍ତୁଷ୍ଟ ନହେଲେ କିମ୍ବା ଅଧିକ ଜ୍ଞାନ ଅର୍ଜନ କରିବାକୁ ଚାହିଁଲେ ଘରୋଇ ଶିକ୍ଷକଙ୍କ ଆବଶ୍ୟକତା ପଡ଼େ । ଯେତେବେଳେ ଘରୋଇ ଶିକ୍ଷକ ଛାତ୍ରଠାରେ ଅସାମାନ୍ୟ ପ୍ରତିଭା ଆବିଷ୍କାର କରନ୍ତି ଓ ତା'ଠାରେ ପ୍ରଚଣ୍ଡ ଜିଜ୍ଞାସା ଲକ୍ଷ୍ୟ କରନ୍ତି, ସେ ତା' ପ୍ରତି ବେଶି ଶ୍ରଦ୍ଧାଶୀଳ ହେବା ସ୍ୱାଭାବିକ । ସେହି ନ୍ୟାୟରେ ଗୁରୁ ଦ୍ରୋଣାଚାର୍ଯ୍ୟ ଶିଷ୍ୟ ଅର୍ଜୁନଙ୍କୁ ଅନ୍ୟ ଛାତ୍ରମାନଙ୍କ ଅପେକ୍ଷା ବେଶି ଭଲ ପାଉଥିଲେ ଓ ଅର୍ଜୁନଙ୍କୁ ସର୍ବଶ୍ରେଷ୍ଠ ଧନୁର୍ଦ୍ଧର ଭାବରେ ନିର୍ମାଣ କରିବା ଥିଲା ଦ୍ରୋଣଙ୍କ ଅଭିପ୍ରାୟ । ଥରେ ଦ୍ରୋଣାଚାର୍ଯ୍ୟ ଓ ରାଜକୁମାରଗଣ ଅରଣ୍ୟରେ ବୁଲୁଥାନ୍ତି । ସାଙ୍ଗରେ ଥାଏ ଏକ କୁକୁର । ହଠାତ୍ କୁକୁରଟି ଭୁକିବାରୁ ସମସ୍ତେ ଭାବିଲେ କୁକୁରଟି ଭୁକି ନିକଟରେ କୌଣସି ହିଂସ୍ରଜନ୍ତୁ ଥିବାର ସୂଚନା ଦେଉଛି । ହଠାତ୍ ଭୁକିବା ଶବ୍ଦ ବନ୍ଦ ହେଲା । ଦେଖାଗଲା କୁକୁରଟି ଆସୁଛି, ମାତ୍ର ତାର ମୁହଁ ଖୋଲା । ମୁହଁ ଭିତରେ ଅନେକ ବାଣ ଲାଖିଛି । ମାତ୍ର ବାଣର ମୁନ ତାଳୁକୁ ପଶିନାହିଁ କି ତା' ପାଟିରୁ ବୁନ୍ଦାଏ ରକ୍ତ ବି ବାହାରି ନାହିଁ । ଧନୁର ଗୋଟିଏ ଟଙ୍କାରରେ ସାତଟି ଶର ମରାଯାଇଛି । ସେହି ଧନୁର୍ଦ୍ଧରର ଅସାଧାରଣ କୌଶଳ ଦ୍ରୋଣାଚାର୍ଯ୍ୟଙ୍କୁ ଚକିତ କଲା । ସେ କୁକୁର ପାଟିରୁ ଶରଗୁଡ଼ିକ କାଢ଼ିଦେଲେ । ସେଠାରେ ହଠାତ୍ ଉପସ୍ଥିତ ହେଲା ଏକ କୃଷ୍ଣବର୍ଣ୍ଣର ବାଳକ । ନାମଟି ତା'ର ଏକଲବ୍ୟ । ସେ ଦ୍ରୋଣଙ୍କ ପାଦ ସ୍ପର୍ଶ କରି ସାଷ୍ଟାଙ୍ଗ ପ୍ରଣିପାତ କରନ୍ତେ ଦ୍ରୋଣ ତା'ର ପରିଚୟ ଜାଣିବାକୁ ଚାହିଁଲେ । ସେ କହିଲା 'ମୁଁ ଆପଣଙ୍କ ଶିଷ୍ୟ' । ଦ୍ରୋଣ ପ୍ରମାଣ ଚାହାଁନ୍ତେ ଏକଲବ୍ୟ ତାଙ୍କୁ ନେଇଗଲା ଏକ ପ୍ରତିମା ନିକଟକୁ । ପ୍ରତିମାଟି ଥିଲା ସ୍ୱୟଂ ଗୁରୁ ଦ୍ରୋଣାଚାର୍ଯ୍ୟଙ୍କର । ଆହୁରି ଚକିତ ହେଲେ ଗୁରୁ ଦ୍ରୋଣ । ପିଲାଟିର ଗୁରୁଭକ୍ତି, ଜିଜ୍ଞାସା, ନମ୍ରତା ଓ କଳାକୌଶଳ ତାଙ୍କୁ ଅଭିଭୂତ କଲା । ମାତ୍ର ସେ ଥିଲେ ହସ୍ତୀନାପୁରର ଏକ ବେତନଭୋଗୀ ଘରୋଇ ଶିକ୍ଷକ । ନିଜ ଶିଷ୍ୟମାନେ ବିଦ୍ୟାଶିକ୍ଷାରେ ଉତ୍କର୍ଷ ପ୍ରତିପାଦନ କରନ୍ତୁ ଏହା ତାଙ୍କ ଇଚ୍ଛା ହେବା ସ୍ୱାଭାବିକ । ପୁନଶ୍ଚ ପ୍ରିୟ ଶିଷ୍ୟ ଅର୍ଜୁନଙ୍କୁ ଆଉ କେହି ଧନୁବିଦ୍ୟାରେ ଅତିକ୍ରମ ନକରୁ, ଏହା ଥିଲା ଦ୍ରୋଣଙ୍କ ଆନ୍ତରିକ ଇଚ୍ଛା । ଏଣୁ କାଳେ ଏକଲବ୍ୟ ଅର୍ଜୁନଙ୍କୁ ଅତିକ୍ରମ କରିବ, ସେହି ଆଶଙ୍କାରେ ସେ ଏକଲବ୍ୟ ପାଖରୁ ଗୁରୁଦକ୍ଷିଣା ସ୍ୱରୂପ ବାଣ ପ୍ରୟୋଗରେ ମୁଖ୍ୟ ଭୂମିକା ତୁଲାଉଥିବା ଦକ୍ଷିଣ ହାତର ବୃଦ୍ଧାଙ୍ଗୁଳିକୁ ମାଗିନେଲେ । ମାତ୍ର ଏକଲବ୍ୟ ବିଚଳିତ ହେଲାନାହିଁ । ସଙ୍ଗେ ସଙ୍ଗେ ଭକ୍ତି ସହ ଆଙ୍ଗୁଳିକୁ କାଟି ପକାଇଲା । ଅବଶ୍ୟ ଦ୍ରୋଣାଚାର୍ଯ୍ୟଙ୍କୁ କଷ୍ଟ ହେଲା । ସେ ନିଜ ଉତ୍ତରୀୟ ଚିରି କଟା ଆଙ୍ଗୁଳି ଦେହରେ ପଟି ବାନ୍ଧିଦେଲେ । ପରବର୍ତ୍ତୀ ସମୟରେ ତାଙ୍କର ଏହି କର୍ମ ପାଇଁ ପଶ୍ଚାତାପ କଲେ । କିନ୍ତୁ ତାଙ୍କର ଏହି କର୍ମ ଗୁରୁ ଚରିତ୍ରରେ ଏକ କଳା ଦାଗ ଛାଡ଼ିଗଲା । କେହି କେହି ଯୁକ୍ତି କରନ୍ତି ଏକଲବ୍ୟ ଜଣେ ଜିଜ୍ଞାସୁ ନମ୍ର, ଗୁରୁନିଷ୍ଠ ଶିଷ୍ୟ ହୋଇପାରେ, ମାତ୍ର ସେ ଥିଲା ଅସଂଯମୀ ଓ ଅବିବେକୀ, କାରଣ ଏକ ଅସହାୟ ନିର୍ଦ୍ଦୋଷ କୁକୁର ଉପରେ କ୍ରୋଧାନ୍ୱିତ ହୋଇ ସେ ତା'ର ମୁହଁକୁ ତୀର ଦ୍ୱାରା ସିଲେଇ କରିଦେଇଥିଲା । ଏହା ଥିଲା ଅସ୍ତ୍ରର ଅପପ୍ରୟୋଗ । ବିଦ୍ୟାର ଅପପ୍ରୟୋଗ ପୃଥିବୀ ପାଇଁ ବିପଜ୍ଜନକ ଓ କ୍ଷତିକାରକ । ଗୁରୁ ଚାହାଁନ୍ତି ବିଦ୍ୟାର ସଦୁପଯୋଗ ହେଉ । ଏକଲବ୍ୟ କ୍ଷେତ୍ରରେ ତା'ର ଉଲ୍ଲଙ୍ଘନ ହେଉଥିବାରୁ ଦ୍ରୋଣାଚାର୍ଯ୍ୟ ତା'ଠାରୁ ବୃଦ୍ଧାଙ୍ଗୁଳି କଟେଇ ନେଇ ଜଗତକୁ ବିପଦରୁ ଉଦ୍ଧାର କରିଛନ୍ତି । ଦ୍ରୋଣଙ୍କ ଏହି କର୍ମକୁ ସମର୍ଥନ କରିବାକୁ ଯାଇ କେହି କେହି ତାଙ୍କର ଅନ୍ୟତମ ଶିଷ୍ୟ କର୍ଣ୍ଣ ପ୍ରତି ତାଙ୍କର ଦୃଷ୍ଟିଭଙ୍ଗୀ କଥା ଉଦାହରଣ ଦେଇଥାନ୍ତି । ଦିନେ ସନ୍ଧ୍ୟାରେ ଭୋଜନ କଲାବେଳେ ଦୈବାତ୍ ପ୍ରଦୀପଟି ଲିଭିଯାଆନ୍ତେ ସମସ୍ତ ଶିଷ୍ୟ ଖାଇବା ବନ୍ଦ କରି ହାତ ଟେକି ବସିଲେ । ମାତ୍ର ଧ୍ୟାନଶୀଳ ଅର୍ଜୁନ ନିର୍ବିକାରରେ ଖାଇ ଚାଲିଥାନ୍ତି । ସେଦିନର ଅସ୍ତ୍ର ଚାଳନାରେ କେଉଁଠି କିପରି ଭୁଲ୍ ହେଲା, ତାକୁ କିପରି ସଂଶୋଧନ କରାଯାଇ ପାରିଥାନ୍ତା, ଏକଥା ଧ୍ୟାନ ଦେଇ ଚିନ୍ତା କରୁ କରୁ ସେ ଦେଖିଲେ ତା'ରି ଭିତରେ ସେ ସବୁତକ ଅନ୍ନ ଖାଇ ସାରିଛନ୍ତି । ସେ ଭାବିଲେ, ଘନ ଅନ୍ଧକାର ଭିତରେ ଯଦି ଅନ୍ନଗୁଣ୍ଡା ପାଟିକୁ ଚାଲିଯାଉଛି, ମହାବୀରମାନଙ୍କ ବାଣ ଅନ୍ଧାରରେ ଲକ୍ଷ୍ୟ ଭେଦ ନକରିବ କାହିଁକି ? ଦୀର୍ଘ ଦିନର ଅଭ୍ୟାସବଶତଃ ଅନ୍ନଗୁଣ୍ଡା ଅନ୍ଧାରରେ ମଧ୍ୟ ଯେଭଳି ପାଟିକୁ ଚାଲିଗଲା, ଠିକ୍ ସେପରି ଅଭ୍ୟାସ ବଳରେ ଅନ୍ଧାରରେ ମଧ୍ୟ ଲକ୍ଷ୍ୟ ଭେଦ ସମ୍ଭବ । ସଙ୍ଗେ ସଙ୍ଗେ ଚାଲିଗଲେ ଏକ ନିର୍ଜନ ପ୍ରାନ୍ତରକୁ ଓ ଘନ ଅନ୍ଧକାର ମଧ୍ୟରେ ଶବ୍ଦ ଶୁଣି ଶବ୍ଦଭେଦୀ ବାଣ ପ୍ରୟୋଗର ଅଭ୍ୟାସ କଲେ । ସେହି ଶବ୍ଦଭେଦୀ ବାଣର ନିର୍ଘୋଷରେ ଦ୍ରୋଣାଚାର୍ଯ୍ୟଙ୍କ ନିଦ ଭାଙ୍ଗିଗଲା । ସେ ସେଠାକୁ ଆସି ଅର୍ଜୁନର ଜିଜ୍ଞାସା ଓ ଅଭ୍ୟାସ ଦ୍ୱାରା ଅଭିଭୂତ ହୋଇ ତାଙ୍କୁ କୁଣ୍ଢାଇ ପକାଇ କହିଲେ "ମୁଁ ତୁମକୁ ଏଭଳି ଶିକ୍ଷା ଦେବି ଯେପରି ଅନ୍ୟ କୌଣସି ଧନୁର୍ଦ୍ଧର ତୁମ ସମକକ୍ଷ ହୋଇପାରିବ ନାହିଁ" । ଦ୍ରୋଣ ଅର୍ଜୁନଙ୍କୁ ସମସ୍ତ ପ୍ରକାର ଧନୁର୍ବିଦ୍ୟା ଶିକ୍ଷା ଦେବା ପରେ ଶେଷରେ ବ୍ରହ୍ମାସ୍ତ୍ର ପ୍ରୟୋଗ ବିଦ୍ୟା ମଧ୍ୟ ଶିକ୍ଷା ଦେଲେ । ଅପରପକ୍ଷରେ, ଦ୍ରୋଣ ତାଙ୍କ ଅନ୍ୟତମ ଶିଷ୍ୟ କର୍ଣ୍ଣଙ୍କୁ ବ୍ରହ୍ମାସ୍ତ୍ର ପ୍ରୟୋଗ ବିଦ୍ୟାରୁ ବଂଚିତ କରିଥିଲେ । ସେ କହିଥିଲେ, କେବଳ ନିଷ୍ପାପର ବ୍ରାହ୍ମଣ ଓ ସଂଯମୀ ବ୍ରତଚାରୀ କ୍ଷତ୍ରିୟ ହିଁ ଏହି ବ୍ରହ୍ମାସ୍ତ୍ରର ଅଧିକାରୀ ହୋଇପାରିବ । କର୍ଣ୍ଣ ବ୍ରାହ୍ମଣ ନଥିଲେ କି ଜଣେ ସଂଯମୀ କ୍ଷତ୍ରୀୟ ନଥିଲେ । ଶିକ୍ଷା ଗ୍ରହଣ ସମୟରେ କର୍ଣ୍ଣ ଅନୁଭବ କରିଥିଲେ ଯେ, ଅର୍ଜୁନ ତାଙ୍କଠାରୁ ବେଶି କୌଶଳୀ ଓ ଦକ୍ଷ । ସେଥିପାଇଁ ଅର୍ଜୁନଙ୍କ ପ୍ରତି ତାଙ୍କର ଈର୍ଷାଭାବ ଥିଲା । ଜିଜ୍ଞାସା ଭାବରୁ ନୁହେଁ, ବରଂ ଅର୍ଜୁନ ସହ ସମାନ ଭାବରେ ଲଢ଼ିବାକୁ ସେ ବ୍ରହ୍ମାସ୍ତ୍ର ପ୍ରୟୋଗ ଶିକ୍ଷା କରିବାକୁ ଚାହୁଁଥିଲେ (ଅର୍ଜୁନେନ ସମଂ ଚାହଂ ଯୁଦ୍ଧ୍ୟେୟମିତି ମେ ମତିଃ) । ଦ୍ରୋଣ ଜାଣିଥିଲେ କର୍ଣ୍ଣଙ୍କ ଆକାଂକ୍ଷାରେ ପ୍ରତିହିଂସାର ବହ୍ନି ଜଳୁଥିଲା । (ଦୌରାତ୍ମ୍ୟଂଚୈବ କର୍ଣ୍ଣସ୍ୟ ବିଦିତ୍ୱାତମୁବାଚହ) । ସେ ସଂଯମୀ ନଥିଲେ । ତାଙ୍କ ଦ୍ୱାରା ବ୍ରହ୍ମାସ୍ତ୍ରର ଅପପ୍ରୟୋଗ ହେବାର ଆଶଙ୍କା କରି ଦ୍ରୋଣ କର୍ଣ୍ଣଙ୍କୁ ଏହି ବିଦ୍ୟାଦାନ କରିନଥିଲେ । ଅପରପକ୍ଷରେ, ସେ ଅର୍ଜୁନଙ୍କୁ ଏହି ବ୍ରହ୍ମାସ୍ତ୍ର ପ୍ରୟୋଗ ବିଦ୍ୟା ଶିକ୍ଷା ଦେବାବେଳେ କହିଥିଲେ "ଅର୍ଜୁନ ! ତୁମେ ଏ ଅସ୍ତ୍ର କଦାପି ସାଧାରଣ ମନୁଷ୍ୟ ଉପରେ ପ୍ରୟୋଗ କରିବ ନାହିଁ, କାରଣ ଏହା ପ୍ରୟୋଗ କଲେ ସମଗ୍ର ଜଗତ ଧ୍ୱଂସ ହୋଇଯିବ । ଏଣୁ ଯଥେଷ୍ଟ ସଂଯତ ଭାବରେ ଏ ଅସ୍ତ୍ରଧାରଣ କରିବ" । ସଂଯମୀ ଅର୍ଜୁନ ବ୍ରହ୍ମାସ୍ତ୍ରର ଅପପ୍ରୟୋଗ କରିବେ ନାହିଁ ବୋଲି ଦ୍ରୋଣ ନିଶ୍ଚିତ ଥିଲେ । ଶିଷ୍ୟର ଚରିତ୍ରରେ ଏହି ସଂଯମର ଅଭାବ ଲକ୍ଷ୍ୟ କରି ଓ ବିଦ୍ୟାର ଅପପ୍ରୟୋଗ ଆଶଙ୍କାରେ ଦ୍ରୋଣ ଯେପରି କର୍ଣ୍ଣଙ୍କୁ ବ୍ରହ୍ମାସ୍ତ୍ର ପ୍ରୟୋଗ ଶିକ୍ଷା ଦେଇନଥିଲେ, ଠିକ୍ ସେହିପରି ଏକଲବ୍ୟର କୁକୁର ଉପରେ ଧନୁର୍ବିଦ୍ୟାର ଅପପ୍ରୟୋଗ ଦେଖି ଆଗାମୀ ଦିନରେ ତାହା ରୋକିବାକୁ ତା'ର ବୃଦ୍ଧାଙ୍ଗୁଳିକୁ ଗୁରୁଦକ୍ଷିଣା ଭାବରେ ମାଗି ନେଇଥିଲେ । ଏହା ଠିକ୍ ଯୁକ୍ତି ହେଲେ ମଧ୍ୟ ଦ୍ରୋଣାଚାର୍ଯ୍ୟଙ୍କ ଏହି କର୍ମ ଗୁରୁ ପରମ୍ପରାରେ ଏକ କଳଙ୍କ । ବରଂ ଦ୍ରୋଣାଚାର୍ଯ୍ୟଙ୍କ ଚରିତ୍ରଚିତ୍ରଣ କଲାବେଳେ ବିଶିଷ୍ଟ ଲେଖକ ମନୋଜ ଦାସଙ୍କ ଏକ ଦୃଷ୍ଟିଭଙ୍ଗୀ ଗ୍ରହଣୀୟ ମନେହୁଏ । ଦ୍ରୋଣାଚାର୍ଯ୍ୟ ଯେତେ ଦକ୍ଷ ଶସ୍ତ୍ରବିତ୍ ଓ ପ୍ରଚଣ୍ଡ ଜ୍ଞାନୀ ହେଲେ ମଧ୍ୟ ସେ ଜଣେ ମଣିଷ । ପ୍ରତ୍ୟେକ ମଣିଷ ପ୍ରକୃତି ନିହିତ ଗୁଣଦ୍ୱାରା ପ୍ରଭାବିତ ହୋଇପାରେ । ମହତ୍ ଚରିତ୍ରରେ ମଧ୍ୟ ବିପରୀତଧର୍ମୀ ଗୁଣ ସହାବସ୍ଥାନ କରିପାରେ । ଜଣେ ଏକାଧାରରେ ଉଭୟ ସୁଗୁଣ ଓ ଦୁର୍ଗୁଣର ଅଧିକାରୀ ହୋଇପାରେ । କର୍ଣ୍ଣ ଏକପକ୍ଷରେ ଈର୍ଷାଳୁ ଓ ଅହଙ୍କାରୀ, ମାତ୍ର ଅନ୍ୟପକ୍ଷରେ ଜଣେ ମହାନ୍ ଦାନୀ ଓ ସତ୍ୟନିଷ୍ଠ । ଠିକ୍ ସେହିପରି ଏକଲବ୍ୟ କ୍ଷେତ୍ରରେ ମଧ୍ୟ ପରସ୍ପର ବିରୋଧୀ ଗୁଣର ସହାବସ୍ଥାନ ଥିଲା । ଯେଉଁ ଏକଲବ୍ୟ ଏଡ଼େ ଦାୟିତ୍ୱହୀନ ଓ ଅବିବେକୀ ଯେ, ଗୋଟାଏ ଅସହାୟ କୁକୁର ଉପରେ କ୍ରୋଧାନ୍ୱିତ ହୋଇ ସେ ବିଚରାର ମୁହଁକୁ ଅତୀବ ଜଟିଳ ତୀର ସନ୍ଧାନ ଦ୍ୱାରା ସିଲେଇ କରିଦେଲା, ସେ ଏକଲବ୍ୟ ପୁଣି ଏତେ ମହତ୍ ଯେ ଗୁରୁଙ୍କ ନିର୍ଦ୍ଦେଶରେ ଦ୍ୱିଧାହୀନ ଭାବେ ନିଜ ବୃଦ୍ଧାଙ୍ଗୁଳି ତ୍ୟାଗ କଲା । ଦ୍ରୋଣାଚାର୍ଯ୍ୟଙ୍କ ଚରିତ୍ରର ଆକଳନ ମଧ୍ୟ ସେହିଭଳି ଭାବରେ କରାଯାଇପାରେ । ସେ ଜଣେ ବିଦ୍ୱାନ୍ ଓ ଆଦର୍ଶ ଶିକ୍ଷକ, ମାତ୍ର ସେ ମଧ୍ୟ ପ୍ରକୃତି ନିହିତ ତରଙ୍ଗରେ ପ୍ରଭାବିତ ହେଉଥିବା ଜଣେ ସାଧାରଣ ମଣିଷ । ସେ ମଧ୍ୟ ଉଭୟ ସୁଗୁଣ ଓ ଦୁର୍ଗୁଣର ଏକ ସମନ୍ୱୟ । ଆମକୁ ସ୍ୱୀକାର କରିବାକୁ ହେବ ଯେ, ସର୍ବଶ୍ରେଷ୍ଠତା ବା ଦୋଷଶୂନ୍ୟତା ସର୍ବଦା ଅପହଚଂ ଅଟେ ।

## ସ୍ୱତନ୍ତ୍ର ସଘନ ସଂଶୋଧନ, ନୂଆପଡ଼ା ଜିଲ୍ଲାର ଚିଠା ଭୋଟର ତାଲିକା ପ୍ରକାଶ

ନୂଆପଡ଼ା: ଭାରତର ଗଣତାନ୍ତ୍ରିକ ପର୍ବ କୁହାଯାଉଥିବା ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା, ନିର୍ଭୁଲତା ଏବଂ ବିଶ୍ୱସନୀୟତା ବଜାୟ ରଖିବା ଉଦ୍ଦେଶ୍ୟରେ ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାନୁସାରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ(ଏସ୍.ଆଇ.ଆର୍)-୨୦୨୬ କାର୍ଯ୍ୟକ୍ରମ ଅନ୍ତର୍ଗତ ଆଜି ନୂଆପଡ଼ା ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଜିଲ୍ଲାର ଦୁଇଟି ବିଧାନସଭା ନିର୍ବାଚନମଣ୍ଡଳୀର ଚିଠା ଭୋଟର ତାଲିକା-୨୦୨୬ ଆନୁଷ୍ଠାନିକ ଭାବେ ପ୍ରକାଶ କରାଯାଇଛି। ଏହି ବୈଠକରେ ବିଭିନ୍ନ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧି ଏବଂ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମରେ ୧ ଜୁଲାଇ ୨୦୨୬କୁ ଯୋଗ୍ୟତା ତାରିଖ ଭାବେ ଧାର୍ଯ୍ୟ କରାଯାଇଥିବାବେଳେ ୩୦ ମେ'ରୁ ୨୮ ଜୁନ ୨୦୨୬ ପର୍ଯ୍ୟନ୍ତ ବୁଥ୍ ସ୍ତରୀୟ ଅଧିକାରୀ(ବିଏଲ୍‌ଓ)ମାନଙ୍କ ଦ୍ୱାରା ଘରକୁ ଘର ବୁଲି ପରିଗଣନା ଫର୍ମ ବଂଟନ ଓ ତଥ୍ୟ ସଂଗ୍ରହ କରାଯାଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ସଂଗୃହୀତ ତଥ୍ୟର ଡିଜିଟାଇଜେସନ କାର୍ଯ୍ୟ ସମ୍ପନ୍ନ କରାଯାଇଥିଲା। ଚିଠା ଭୋଟର ତାଲିକା ଅନୁଯାୟୀ, ଜିଲ୍ଲାର ଦୁଇଟି ବିଧାନସଭା ନିର୍ବାଚନମଣ୍ଡଳୀରେ ପୂର୍ବରୁ ମୋଟ ୫,୦୫,୨୭୬ ଜଣ ମତଦାତା ଥିବାବେଳେ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାରେ ୧୬,୮୨୯ ଜଣଙ୍କ ନାମ ବିଲୋପ କରାଯାଇଛି। ଫଳରେ ଚିଠା ଭୋଟର ତାଲିକାରେ ମୋଟ ୪,୮୮,୪୪୭ ଜଣ ମତଦାତାଙ୍କୁ ସାମିଲ କରାଯାଇଛି। ସଂଶୋଧନ ପ୍ରକ୍ରିୟାରେ ୭,୦୨୧ ଜଣ ମୃତ ମତଦାତା, ୬,୯୮୪ ଜଣ ସ୍ଥାୟୀ ଭାବେ ସ୍ଥାନାନ୍ତରିତ ମତଦାତା, ୧,୮୦୦ ଜଣ ଅନୁପସ୍ଥିତ ମତଦାତା, ୯୩୮ ଜଣ ଡୁପ୍ଲିକେଟ୍ ବା ପ୍ରତିରୂପ ନାମ ଥିବା ମତଦାତା ଏବଂ ୮୬ଟି ଅନ୍ୟାନ୍ୟ ମାମଲା ଚିହ୍ନଟ କରାଯାଇଥିବା ଜିଲ୍ଲାପାଳ ଶ୍ରୀ ଦାଶ ସୂଚନା ଦେଇଥିଲେ। ଚିଠା ଭୋଟର ତାଲିକା ପ୍ରକାଶ ପରେ ୫ ଜୁଲାଇରୁ ୪ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଗ୍ରହଣ କରାଯିବ।

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ
Mobile : 9439951525,Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ।) Phone: 0661-2646999 Editor : Prakash Kumar Dhal
CITY OFFICE: B/204, SECTOR-16, ROURKELA, Pin :769003

